## ସଂକ୍ଷେପରେ

### ପାଣି ମୋଟର ଚୋରି, ୨ ଗିରଫ



ଜଟଣୀ,୧୮ (ରବୀନ୍ଦ୍ର ନାଥ ମହାକୁଡ଼)

ପାଣି ମୋଟର ଚୋରି ଅଭିଯୋଗରେ ଜଟଣୀ ଥାନା ପୋଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ବାଲିଛକ ମୁଣ୍ଡିଆ ସାହି ପିଏଚ୍‌ଡି କାର୍ଯ୍ୟାଳୟ ନିକଟ ଅଞ୍ଚଳର ବୁଲି ଓରଫ ବାବୁଲି ସିଂ ସାଗର (୩୦) ଏବଂ ବାଲିଛକ ମୁଣ୍ଡିଆସାହିର ବୁଢୁ ଓରଫ ରମେଶ ଦାସ(୨୩)। ଏମାନଙ୍କ ନିକଟରୁ ୧୪ ଟି ପାଣି ମିଟର ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୨୭୮/୨୩) ରୁଜୁ ହୋଇଛି। ସୂଚନା ମୁତାବକ, ବାଲାଜୀ ସୋଲାର ସିଷ୍ଟମର ପ୍ରୋଜେକଟ ମ୍ୟାନେଜର ଦେବାଶିଷ ଚୌଧୁରୀ ଜଟଣୀ ଥାନରେ ଜଟଣୀ ପୌରାଞ୍ଚଳରେ ୱାଟର ମିଟର ଲଗାଇବା କାର୍ଯ୍ୟ ନେଇଥିଲେ। ତେବେ ପୌରାଞ୍ଚଳ ୱାର୍ଡ ନମ୍ବର ୭ଏବଂ ୮ ରେ ଉକ୍ତ ମିଟର ଚୋରି ହେଉଥିବା ଜାଣିବାକୁ ପାଇଥିଲେ। ଏନେଇ ଚୌଧୁରୀ ଥାନାର ଦ୍ୱାରସ୍ଥ ହୋଇଥିଲେ। କୁଦିଆରୀ ବଜାରସ୍ଥିତ କବାଡି ଦୋକାନରେ ଉପରୋକ୍ତ ଅଭିଯୁକ୍ତଦ୍ୱୟ ଚୋରି ମିଟର ବିକ୍ରି କରୁଥିବା ବେଳେ ପୋଲିସ ଗିରଫ କରିଥିଲା।

### ମା’ଉଗ୍ରତାରାଙ୍କ ମନ୍ଦିରରୁ ଚୋରି ଘଟଣା, ୨ ଗିରଫ

ଟାଙ୍ଗୀ,୧୮ (ରଘୁନାଥ ସାହୁ)

ଟାଙ୍ଗୀ ଥାନା ଅଧୀନ ମୁଳିଝରଗଡ଼ସ୍ଥିତ ପ୍ରସିଦ୍ଧ ଶକ୍ତିପୀଠ ମା’ଉଗ୍ରତାରା ମନ୍ଦିରରୁ ଚୋରି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନିରାକାରପୁର ଅଞ୍ଚଳର ବାଇଧର ପ୍ରଧାନ ଓ ସୁକାନ୍ତ ପ୍ରଧାନ। ଏମାନଙ୍କ ଠାରୁ ଚୋରି ହୋଇଥିବା ମା’ଙ୍କ ଆଖି, ଚିତା, ମୁକୁଟ, ହାର, ହାତପଟି, ଅଣ୍ଟାପଟି ଜବତ କରାଯାଇଥିବା ମଙ୍ଗଳବାର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି କିଶୋର କୁମାର ମୁଣ୍ଡ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ମା’ଉଗ୍ରତାରା ମନ୍ଦିରରୁ ଶନିବାର ରାତିରେ ଚୋରି ହୋଇଥିଲା। ଦୁର୍ବୃତ୍ତମାନେ ମା’ଙ୍କ ମୁକୁଟ, ଅଣ୍ଟା ପଟି, ହାର, ହାତପଲା, ଆଖି, ମଥା ଚିତା, ହାତ ପଟି ନେଇଯାଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ କରିବା ସହି ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଉପରୋକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତେବେ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ସୁଶାନ୍ତ କୁମାର ବେହେରା କହିଛନ୍ତି।

### ଭେଟିନାଥ ଦେବ ବିଦ୍ୟାଳୟରେ ଖୋଲିଲା ଯୁକ୍ତ ୨ ଶ୍ରେଣୀ



ଗମ୍ଭାରୀମୁଣ୍ଡା,୧୮ (ଦିଲୀପ ସ୍ୱାଇଁ)

ଭେଟିନାଥ ଦେବ ସରକାରୀ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବେଳେ ଚଳିତ ବର୍ଷ ଏଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଯୁକ୍ତ ୨ ତଥା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଲାଯାଇଛି। ଏଠାରେ ୧୨୮ ବିଦ୍ୟାର୍ଥୀ ପଢିପାରିବେ। ସେଥିମଧ୍ୟରୁ ୧୦୨ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ସେମାନଙ୍କ ମଧ୍ୟରୁ ୩୯ ଜଣ ଛାତ୍ରୀ, ୫୬ ଜଣ ଛାତ୍ର ଓ ସ୍ୱତ୍‌ରେ ୭ ଜଣଙ୍କ ନାମ ଲେଖାଯାଇଥିବା ଅଧ୍ୟକ୍ଷଙ୍କ ଠାରୁ ସୂଚନା ମିଳିଛି। ବିଦ୍ୟାଳୟରେ ଜଣେ ଅଧ୍ୟକ୍ଷ ଏବଂ ୬ ଜଣ ଅତିଥି ଶିକ୍ଷକଭାବେ ନିଯୁକ୍ତି ପାଇଛନ୍ତି। ପ୍ରଥମଦିନରେ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବରେ ଶିକ୍ଷା ସଂସ୍କୃତି ଉପରେ ଏକ ଆଲୋଚନାଚକ୍ର ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ସମ୍ମାନିତ ଅତିଥି ଏବିଇଓ ସନ୍ଧ୍ୟାରାଣୀ ହରିଚନ୍ଦନ, ପୂର୍ବତନ ଶିକ୍ଷକ ଲକ୍ଷ୍ମୀ ଚରଣ ପ୍ରଧାନ, ପୂର୍ବତନ ସରପଞ୍ଚ ଜିତେନ୍ଦ୍ର କୁମାର ସାମନ୍ତରାୟ, ଦିବାକର ସାସମଲ, ସଞ୍ଜୟ କୁମାର ପଲାଇ, ଗ୍ରାମ ସଭାପତି ଦୁର୍ଯ୍ୟୋଧନ ପ୍ରଧାନ ଉପସ୍ଥିତ ଥିଲେ।

# ବୈଠକ ବସୁଛି, ନିର୍ଯ୍ୟାସ ବାହାରୁନି

## ବିଜେବି ହାଇସ୍କୁଲ ୧୨୫ତମ ଉତ୍ସବ ପାଳନ ପ୍ରସଙ୍ଗ

- ସମସ୍ୟା ସତ୍ତ୍ୱେ ସ୍ୱର ଉଠାଉନି ଆଲୁମ୍ନି
- ପୁରାତନ ଛାତ୍ରଙ୍କୁ ବୈଠକକୁ ଡକାଯାଉନି

ଖୋର୍ଦ୍ଧା,୧୮ (ପ୍ରଭାତ ପାଣିଗ୍ରାହୀ)

ରାଜ୍ୟର ଲବ୍ଧପ୍ରତିଷ୍ଠିତ ହାଇସ୍କୁଲ ମଧ୍ୟରେ ଖୋର୍ଦ୍ଧା ସ୍ଥିତ ବକ୍ସି ଜଗବନ୍ଧୁ(ବିଜେବି) ହାଇସ୍କୁଲ ଅନ୍ୟତମ। ଗତବର୍ଷ ଏହି ବିଦ୍ୟାଳୟ ୫-ଟିରେ ଅନ୍ତର୍ଭୁକ୍ତ ହୋଇଛି। ଚଳିତ ବର୍ଷ ଏହି ବିଦ୍ୟାଳୟ ୧୨୫ତମ ଉତ୍ସବ ସମାରୋହ ପାଳନ ଲାଗି ପୂର୍ବତନ ଛାତ୍ର ସଂସଦ, ଆଲୁମ୍ନି ପକ୍ଷରୁ ଦୁଇବର୍ଷ ହେବ ୧୫ରୁ ଊର୍ଦ୍ଧ୍ୱ ଥର ବୈଠକ ବସିଲାଣି। ପ୍ରତିଥର ଏକା ପ୍ରସଙ୍ଗ ଉପରେ ବାରମ୍ବାର ଆଲୋଚନା ହେଉଛି। ତେବେ ଏଯାବତ୍ ଉକ୍ତ ବୈଠକରୁ କୌଣସି ନିର୍ଯ୍ୟାସ ବାହାରିପାରୁନି। ଆନ୍ତରିକତା ଓ ସମନ୍ୱୟ ଅଭାବରୁ ବହୁ ପୁରାତନ ଛାତ୍ରଙ୍କୁ ବୈଠକକୁ ଡକାଯାଉ ନ ଥିବା ଅଭିଯୋଗ ହେଉଛି।

ଗତ ରବିବାର ପୁଣି ଉକ୍ତ ଉତ୍ସବ ପାଳନ ଲାଗି ଏକ ପ୍ରସ୍ତୁତି ବୈଠକ ବିଦ୍ୟାଳୟର ହେରିଟେଜ୍ ହଲ୍‌ରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ପୂର୍ବଭଳି ମାଗାଜିନ୍, ସାଂସ୍କୃତିକ କାର୍ଯ୍ୟକ୍ରମ, କ୍ରୀଡ଼ା ପ୍ରତିଯୋଗିତା, ଉତ୍ସବକୁ ରାଷ୍ଟ୍ରପତିଙ୍କୁ ଅତିଥି କରାଯିବା ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ପରେ ଖିଆପିଆ ପରେ ସମସ୍ତେ ଫେରିଥିଲେ। ଏନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।



ଏହି ବିଦ୍ୟାଳୟରେ ବହୁ ସମସ୍ୟା ରହିଥିବା ବେଳେ ପୁରାତନ ଛାତ୍ର ସଂସଦ ଏବଂ ଆଲୁମ୍ନି ଆସୋସିଏଶନ କାହିଁକି ସ୍ୱର ଉତ୍ତୋଳନ କରୁନାହାନ୍ତି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ବିଦ୍ୟାଳୟ ଭିତ୍ତିଭୂମି, ଶୈକ୍ଷିକ ବାତାବରଣ ଉପରେ ଆଲୋଚନା କରାଯାଉନାହିଁ। ଦିନକୁ ଦିନ ଶିକ୍ଷାର ମାନ ହ୍ରାସ ପାଇବାରେ ଲାଗିଛି। ପିଲାଙ୍କ ସଂଖ୍ୟା କମିବାରେ ଲାଗିଛି। ଚଳିତ ବର୍ଷ ସ୍କୁଲରେ ପ୍ରାୟ ୪ଶହ ଛାତ୍ର ରହିଛନ୍ତି। ଜାନୁୟାରୀ ୩୧ରେ ପ୍ରଧାନ ଶିକ୍ଷକ ଏସ୍.କେ. ଗୋହର ଅଳ୍ପୀ ଅବସର ନେବା ପରେ ଉକ୍ତ ପଦବୀ ଖାଲିପଡିଛି। ଏନ୍‌ସିସି ଶିକ୍ଷକ ବିଭୁ ପ୍ରସାଦ ସେନାପତି ଏହି ଦାୟିତ୍ୱ ତୁଲାଉଛନ୍ତି। ଏଠାରେ ପ୍ରଧାନ ଶିକ୍ଷକଙ୍କୁ ମିଶାଇ ମୋଟ ୨୫ ଶିକ୍ଷକ ପରିବର୍ତ୍ତେ ଅଛନ୍ତି ୧୬। ଅବଶିଷ୍ଟ ୯ ଶିକ୍ଷକ ପଦବୀ ଖାଲିପଡିଛି। ୧୬ ଶିକ୍ଷକଙ୍କ ମଧ୍ୟରୁ କେତେଜଣ ଶିକ୍ଷକଙ୍କୁ ଅନ୍ୟ ସ୍କୁଲକୁ ଡେପୁଟେଶନରେ ପଠାଯାଇଛି। ବିଦ୍ୟାଳୟର ପୁରାତନ ଛାତ୍ରାବାସରେ ଖୋର୍ଦ୍ଧା ଆଦର୍ଶ ଥାନା ଚାଲୁଛି। ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଖେଳପଡ଼ିଆ ଘରୋଇ କ୍ରୀଡ଼ାନୁଷ୍ଠାନ କବ୍‌ଜାରେ ରହିଛି। ଅତୀତର ବହୁ ଇତିହାସକୁ ନିଜ ବକ୍ଷରେ ସାଉଁଟି ରଖିଥିବା ଏହି ଶିକ୍ଷାନୁଷ୍ଠାନର ଅସ୍ତିତ୍ୱ ହଜିବାକୁ ବସିଛି। ଏହି ବିଦ୍ୟାଳୟରେ +୨ ପାଠ୍ୟକ୍ରମ ଖୋଲିବା ପାଇଁ ବିଭିନ୍ନ ମହଲରେ ଦାବି ସତ୍ତ୍ୱେ ତାହା କାର୍ଯ୍ୟକାରୀ ହୋଇପାରିଲାନାହିଁ। ରାଜ୍ୟ ଖାଦ୍ୟ କମିଶନର ପ୍ରମୋଦ କୁମାର ମେକାପ, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ରାଜେନ୍ଦ୍ର ସାହୁ ପ୍ରମୁଖ ଏହାକୁ ପୋଷ୍ୟ ବିଦ୍ୟାଳୟ ଭାବେ ଗ୍ରହଣ କରିଛନ୍ତି। ତେବେ ଦୀପ ତଳ ଅନ୍ଧାର ଭଳି ଏହି ବିଦ୍ୟାଳୟର ଗୌରବମୟ ଗାଥା କେବଳ ବିଦ୍ୟାଳୟ ମୁଖପତ୍ରରେ ସୀମିତ ହୋଇ ରହିଯାଇଛି। ଏ ସମ୍ପର୍କରେ ବିଧାୟକ ମିତ୍ର କହିଛନ୍ତି, ବିଦ୍ୟାଳୟର ଭିତ୍ତିଭୂମି, ଶୈକ୍ଷିକ ବାତାବରଣକୁ ଗୁରୁତ୍ୱ ଦିଆଯାଉଛି। ନୂତନ କୋଠାକୁ ଥାନା ଯିବା ପରେ ଏହା ବିଦ୍ୟାଳୟକୁ ହସ୍ତାନ୍ତର ଲାଗି ଉଦ୍ୟମ କରାଯିବ ବୋଲି ସେ କହିଛନ୍ତି।

# ଉନ୍ନୟନ ପ୍ରକଳ୍ପର ସମୀକ୍ଷା କଲେ ଜିଲାପାଳ

## ଅପରାହ୍ଣରେ ଓପିଡି ଖୋଲ, ସ୍ୱଚ୍ଛତାକୁ ଗୁରୁତ୍ୱ ଦିଅ



ଖୋର୍ଦ୍ଧା,୧୮ (ପ୍ରଭାତ ପାଣିଗ୍ରାହୀ)

ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ମେଡିକାଲରେ ଚାଲିଥିବା ଉନ୍ନୟନ ପ୍ରକଳ୍ପର ସମୀକ୍ଷା କରିବା ସହ ଭିତ୍ତିଭୂମି ଯାଞ୍ଚ କରିଥିଲେ। ବିଭିନ୍ନ ୱାର୍ଡ ବୁଲି ରୋଗୀଙ୍କ ସହ ଆଲୋଚନା କରିଥିଲେ। ଏଠାରେ ଉପଲବ୍ଧ ସେବା ସମ୍ପର୍କରେ ସିଡିଏମ୍‌ଓଙ୍କୁ ପଚାରି ବୁଝିଥିଲେ। ନିର୍ମାଣାଧୀନ ପ୍ରକଳ୍ପ ଶୀଘ୍ର ସାରିବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ମେଡିକାଲ ପରିସରରେ ବିପର୍ଯ୍ୟସ୍ତ ପରିମଳ ନେଇ ଜିଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ। ସ୍ୱଚ୍ଛତାକୁ ପ୍ରାଥମିକତା ଦେବାକୁ କହିଥିଲେ।

ଶିଶୁ ଓ ମହିଳା ବିଭାଗ, ଅକ୍ସିଜେନ ପ୍ଲାଣ୍ଟ, କୋଭିଡ୍ ପରୀକ୍ଷା କେନ୍ଦ୍ର, ଆହାର କେନ୍ଦ୍ର, ନୂତନଭାବେ ନିର୍ମାଣ ହୋଇଥିବା ବିଭିନ୍ନ ପ୍ରକଳ୍ପ ଜିଲାପାଳ ବୁଲି ଦେଖିଥିଲେ। ହସ୍ପିଟାଲ ପରିସରରେ ତାଲା ପଡିରହିଥିବା ରୁମ୍‌ଗୁଡିକୁ କାର୍ଯ୍ୟକ୍ଷମ କରିବାକୁ କହିଥିଲେ। ଏଥିସହିତ ଏମ୍‌ଏଲଏ ଲ୍ୟାଡରେ ନିର୍ମାଣାଧୀନ ପ୍ରକଳ୍ପର ସ୍ଥିତି ପରଖିଥିଲେ। ଟିକେଟ କାଉଣ୍ଟରରେ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ସହ ଆଲୋଚନା କରିଥିଲେ। ନିରାମୟରେ ଉପଲବ୍ଧ ଔଷଧ ସମ୍ପର୍କରେ ସିଡିଏମଓଙ୍କୁ ପଚାରିଥିଲେ। ଅପରାହ୍ଣରେ ଓପିଡି ଖୋଲାଯାଉ ନ ଥିବା କେତେଜଣ ରୋଗୀ ଓ ସମ୍ପର୍କୀୟ ଅଭିଯୋଗ କରିଥିଲେ। ଓପିଡି ଅପରାହ୍ଣରେ ଖୋଲିବାକୁ ମେଡିକାଲ କର୍ତ୍ତୃପକ୍ଷଙ୍କୁ କହିଥିଲେ। ଜିଲାପାଳଙ୍କ ପରିଦର୍ଶନ ସମୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଆର୍ତ୍ତବନ୍ଧୁ ନାୟକ, ହସ୍ପିଟାଲ ମ୍ୟାନେଜର ଡା. ବିନାୟକ ପାଣିଗ୍ରାହୀ, ସଙ୍ଗୀତା ସ୍ୱାଇଁଙ୍କ ସମେତ ମେଡିକାଲ କର୍ମଚାରୀ ଉପସ୍ଥିତ ଥିଲେ।




ଖୋର୍ଦ୍ଧା: କାଇପଦର ଉଚ୍ଚ ବିଦ୍ୟାଳୟ ପରିସରରେ ‘ମୋ ସ୍କୁଲ ସବୁଜ ସ୍କୁଲ’ ଅଭିଯାନ ଆରମ୍ଭ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# କାଇପଦରରେ ‘ମୋ ସ୍କୁଲ ସବୁଜ ସ୍କୁଲ’ ଅଭିଯାନ

ଖୋର୍ଦ୍ଧା,୧୮ (ପ୍ରଭାତ ପାଣିଗ୍ରାହୀ)

କାଇପଦର ଉଚ୍ଚ ବିଦ୍ୟାଳୟ ପରିସରରେ ‘ମୋ ସ୍କୁଲ ସବୁଜ ସ୍କୁଲ’ ଅଭିଯାନ ପ୍ରେରଣା ଇଣ୍ଟରନ୍ୟାଶନାଲ ଗ୍ରୀନ୍ ଆର୍ମି ପକ୍ଷରୁ ଆରମ୍ଭ ହୋଇଛି। ଅନୁଷ୍ଠାନର ମୁଖ୍ୟ ତଥା ପୂର୍ବତନ ବିଧାୟକ ଦିଲ୍ଲୀପ ଶ୍ରୀଚନ୍ଦନ ଯୋଗଦେଇ ଚାରାରୋପଣ କରିବା ସହ କହିଥିଲେ, ସ୍କୁଲ ପରିସରରେ ଗଛ ସୁସ୍ଥ ପରିବେଶ ସୃଷ୍ଟି କରିଥାଏ। ପିଲାଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟ ପ୍ରଭାବ ପଡିଥାଏ। କାଇପଦର ଉଚ୍ଚ ବିଦ୍ୟାଳୟ ପରିସରରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ବିଭିନ୍ନ ଶିକ୍ଷାନୁଷ୍ଠାନରେ କରାଯିବ ବୋଲି ସେ କହିଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମଧୁସ୍ମିତା ଦାସ, ଶିକ୍ଷକ ବେଣୁଧର ମହାପାତ୍ର, ସ୍କୁଲ ପରିଚାଳନା କମିଟି ସଭାପତି ବୀଣାପାଣି ମାର୍ଥା, ସମ୍ପାଦକ ତ୍ରିଲୋଚନ ବଳବନ୍ତରାୟ, ବୋଖାରୀ ବାବା ପୂଜକ କମିଟିର ସଭାପତି ସନାଉଲା ମିଆଁ, ସୁଧାଂଶୁ ଚମ୍ପତିରାୟ, ନିରଞ୍ଜନ ସାମନ୍ତରାୟ, କୋଦାଣ୍ଡ ଯୁଝାରସିଂହ ପ୍ରମୁଖ ଉପସ୍ଥିତ ଥିଲେ।

### ଦେଶୀ ମଦ ଜବତ, ଜଣେ ଗିରଫ

ଜଟଣୀ,୧୮ (ରବୀନ୍ଦ୍ର ନାଥ ମହାକୁଡ଼)

ବେଆଇନ ଭାବେ ଦେଶୀ ମଦ ବିକ୍ରି କରିବା ଅଭିଯୋଗରେ ଜଟଣୀ ଥାନା ପୋଲିସ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଟ୍ରାଫିକ କଲୋନୀ ରନିଙ୍ଗ ରୁମ ଅଞ୍ଚଳର ସଲିମ ଅହମ୍ମଦ ଖାନ(୬୫)। ତାଙ୍କ ନିକଟରୁ ୧୧ ଲିଟର ୨ଶହ ଗ୍ରାମ ଦେଶୀ ମଦ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୨୮୨/୨୩) ରୁଜୁ ହୋଇଛି।

# ୬୩ କେଜି ଗଞ୍ଜେଇ ଜବତ, ୩ ଗିରଫ

ଜଟଣୀ,୧୮ (ରବୀନ୍ଦ୍ର ନାଥ ମହାକୁଡ଼)



ଗଞ୍ଜେଇ ଚାଲାଣ ଅଭିଯୋଗରେ ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳ ରେଲୱେ ସୁରକ୍ଷା ବଳ ଏବଂ ଜିଆର୍‌ପି ୩ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ମୁର୍ଶିଦାବାଦ୍‌ର ଏମ୍‌ଡି ଯୁନୁଷ ଏସ୍.କେ (୧୯), ତାହାଜୁଲ ଏସ୍‌କେ (୨୩) ଏବଂ ଏମ୍‌ଡି ରିଆସୁଦ୍ଦିନ ମଣ୍ଡଳ (୨୬)। ଏମାନଙ୍କଠାରୁ ୬୩ କେଜି ଗଞ୍ଜେଇ ଜବତ ହୋଇଛି। ଏନେଇ ଜିଆର୍‌ପି ଥାନାରେ ଏକ ମାମଲା (ନଂ.୭୦/୨୩) ରୁଜୁ ହୋଇଛି। ସୂଚନା ମୁତାବକ, ଗତ ୩୧ ତାରିଖରେ ଖୋର୍ଦ୍ଧାରୋଡ୍ ଜିଆର୍‌ପି ଏବଂ ରେଲୱେ ସୁରକ୍ଷା ବଳ ପକ୍ଷରୁ ମିଳିତ ଭାବେ ଷ୍ଟେଶନରେ ଚଢ଼ାଉ କରାଯାଇଥିଲା। ତେବେ ପ୍ଲାଟ୍‌ଫର୍ମ ନମ୍ବର ୧ ଦକ୍ଷିଣ ଦିଗରେ ୩ ଜଣ ଯୁବକ ୩ଟି ବସ୍ତା ଧରି ବାଙ୍ଗାଲୋର-ହାୱଡ଼ା ଏକ୍ସପ୍ରେସ ଟ୍ରେନରେ ଯିବା ପାଇଁ ଅପେକ୍ଷା କରିଥିଲେ। ସନ୍ଦେହରେ ପୋଲିସ ପଚରାଉଚରା କରିବା ସହ ଗଞ୍ଜେଇ ଜବତ କରିଥିଲା। ଜବତ ଗଞ୍ଜେଇକୁ ୱେଷ୍ଟ ବେଙ୍ଗଲ ଏବଂ ଦିଲ୍ଲୀ ନେଉଥିଲେ ବୋଲି ଅଭିଯୁକ୍ତମାନେ ସ୍ୱୀକାର କରିଥିବା ପୋଲିସ କହିଛି।

# ବିଫଳତା ହିଁ ସଫଳତାର ଚାବିକାଠି: ଅସିତ୍

କୃଷ୍ଣପ୍ରସାଦ,୧୮ (କୈଳାସ ଚନ୍ଦ୍ର ପଟ୍ଟନାୟକ)



ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ପରିଚାଳିତ ୨୦୨୧-୨୨ ପ୍ରଶାସନିକ ସେବା (ଓସିଏସ୍) ପରୀକ୍ଷା ଫଳ ଗତ ସୋମବାର ପ୍ରକାଶ ପାଇଛି। ଏଥିରେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଚିଲିକା ନୂଆପଡା ପଞ୍ଚାୟତର ଖଟିସାହି ଗ୍ରାମର ଅସିତ୍ କୁମାର ଜେନା କୃତକାର୍ଯ୍ୟ ହୋଇଛନ୍ତି। ଏନେଇ ଅସିତ୍ କୁହନ୍ତି, ୨୦୧୩ ରେ ବାପାଙ୍କ ମୃତ୍ୟୁ ପରେ ମା’ ଓ ଦୁଇ ଭାଇ ପରିଶ୍ରମ କରି ପାଠ ପଢ଼ାଇଥିଲେ। ୬ଥର ଏହି ପରୀକ୍ଷାରେ ବିଫଳ ହୋଇଥିଲେ ମଧ୍ୟ ଚେଷ୍ଟା ଜାରି ରଖିଥିଲି। ବିଶ୍ୱାସ ଥିଲା ନିଶ୍ଚିତ କୃତକାର୍ଯ୍ୟ ହେବି। ଆଉ ଶେଷରେ ମା’ ଓ ଦୁଇ ଭାଇ ଭାଙ୍କ ଆଶୀର୍ବାଦରୁ ସଫଳତା ପାଇଛି। ବିଫଳତା ହିଁ ସଫଳତାର ଚାବିକାଠି ବୋଲି ସେ କହିଛନ୍ତି।

# ‘ନିର୍ଘଣ୍ଟ ସମୟକୁ ପ୍ରାଧାନ୍ୟ ଦେଲେ ଶିକ୍ଷାର ବିକାଶ ସମ୍ଭବ’

## ସ୍ମରଣିକା ‘ପ୍ରଥିତଯଶା’ ଉନ୍ମୋଚିତ

ବେଗୁନିଆ,୧୮ (ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଡଙ୍ଗରପଡ଼ାସ୍ଥିତ ଲିଙ୍ଗରାଜ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପବିତ୍ର ମୋହନ ଖାଡ଼ଙ୍ଗା ଚାକିରି ଜୀବନରୁ ସୋମବାର ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନୂତନ ଭାବେ ପ୍ରଧାନ ଶିକ୍ଷକ ଦାୟିତ୍ୱ ଗ୍ରହଣ କରିଥିବା ବିକ୍ରମ ପାଲ୍‌ଟାସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଖୋର୍ଦ୍ଧା ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ସ୍ନିଗ୍ଧା ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ନାଇଜର ଭୁବନେଶ୍ୱରର କୁଳସଚିବ ଡ. ଅଭୟ କୁମାର ନାୟକ ମୁଖ୍ୟ ବକ୍ତା, ବେଗୁନିଆ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, କୃଷି ଅଧିକାରୀ ଗଣେଶ୍ୱର ରଥ, ପ୍ରଧାନ ଶିକ୍ଷକ ଡ. ଗଣେଶ୍ୱର ସ୍ୱାଇଁ, ଓଡ଼ିଶା ଏଜୁକେଶନ ୱାଚ୍‌ର ସମ୍ପାଦକ ଡ. ଗୌରହରି ମିଶ୍ର, ସ୍ଥାନୀୟ ସରପଞ୍ଚ ଅକ୍ଷୟ କୁମାର ରାଉତରାୟ, ପ୍ରଧାନ ଶିକ୍ଷକ ବସନ୍ତ ପାଇକରାୟ, ଏବିଇଓ ଦାଶରଥି ପ୍ରଧାନ, ଶିକ୍ଷାବିତ୍ ଲକ୍ଷ୍ମୀଧର ସାହୁ, ଶିବପ୍ରସାଦ ସ୍ୱାଇଁ ଓ ବ୍ରଜବନ୍ଧୁ କର, ପ୍ରଭାତ ସାହୁ, ଜନ୍ମେଶ୍ୱର ମଙ୍ଗରାଜ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟର ବିକାଶ ଉପରେ ଖାଡ଼ଙ୍ଗା ସଦାସର୍ବଦା ନଜର ଦେବା ସହ ସମୟାନୁବର୍ତ୍ତିତାକୁ ଗୁରୁତ୍ୱ ଦେଉଥିଲେ। ସରକାରୀ ନୀତି ଓ ସମୟ ନିର୍ଘଣ୍ଟକୁ ପ୍ରାଧାନ୍ୟ ଦିଆଗଲେ ଶିକ୍ଷାର ବିକାଶ ସମ୍ଭବ ହୋଇପାରିବ ବୋଲି ଅତିଥି ମିଶ୍ର କହିଥିଲେ। ତୋଫାନ ରାଉତରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସାମାଜିକ କର୍ମୀ ବିଜୟାନନ୍ଦ ରାଉତରାୟ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଲୁମ୍ନି କମିଟିର ସଭାପତି ପ୍ରଭାତ ଭାରିମଲ୍ଲ, ସମ୍ପାଦକ ମହେନ୍ଦ୍ର ଜେନା, ଶଶିଭୂଷଣ ମିଶ୍ରଙ୍କ ସମେତ ବିଦ୍ୟାଳୟର ସହକାରୀ ଶିକ୍ଷକ, ଛାତ୍ରୀଛାତ୍ର ଏବଂ ଆଲୁମ୍ନି ଆସୋସିଏଶନର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ସ୍ମରଣିକା ‘ପ୍ରଥିତଯଶା’ ଉନ୍ମୋଚନ କରାଯାଇଥିଲା। ପୁରାତନ ଛାତ୍ର ସଂଗ୍ରାମ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

# ଜିଲାସ୍ତରୀୟ ତମାଖୁ ନିୟନ୍ତ୍ରଣ ସମନ୍ୱୟ କମିଟି ବୈଠକ

ଖୋର୍ଦ୍ଧା,୧୮ (ପ୍ରଭାତ ପାଣିଗ୍ରାହୀ)

ଜିଲାସ୍ତରୀୟ ତମାଖୁ ନିୟନ୍ତ୍ରଣ ସମନ୍ୱୟ କମିଟି ବୈଠକ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିଲେ। ତମାଖୁ ନିୟନ୍ତ୍ରଣ ଲାଗି ଏନ୍‌ଫୋର୍ସମେଣ୍ଟ କଡ଼ାକଡ଼ି କରିବାକୁ ଜିଲାପାଳ କହିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ଆର୍ତ୍ତବନ୍ଧୁ ନାୟକ କହିଥିଲେ, ଜିଲାସ୍ତରରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଗଠନ କରାଯାଇଛି। ସଚେତନତା ଓ ସ୍କୁଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ କରାଯାଉଛି ବୋଲି କହିଥିଲେ। ଶିକ୍ଷାନୁଷ୍ଠାନ ନିକଟରେ ତମାଖୁ ବିକ୍ରୟ ବନ୍ଦ ଲାଗି ଜିଲାପାଳ ତାଗିଦ କରିଥିଲେ। ଶିକ୍ଷାନୁଷ୍ଠାନରେ ତମାଖୁ ନିୟନ୍ତ୍ରଣ ସମ୍ପର୍କରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଆସିଷ୍ଟାଣ୍ଟ ମ୍ୟାନେଜର ଏନ୍‌ସିଡି ସୁଦେଷ୍ଣା ସେନାପତି ବୈଠକ ପରିଚାଳନାରେ ସହଯୋଗ କରିଥିଲେ। ବୈଠକରେ ପୋଲିସ, ଅବକାରୀ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।




ବୈଠକରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟ ଅଧିକାରୀ।

# ଧଳାପଥର ସାହିରାସ୍ତାରେ ଜମୁଛି ବର୍ଷାଜଳ

- ଅଭିଯୋଗ ସତ୍ତ୍ୱେ ନିଆଯାଉନି ପଦକ୍ଷେପ
- ବିଭାଗୀୟ ଅଧିକାରୀ ଦୃଷ୍ଟିଦେବାକୁ ଦାବି

ବୋଲଗଡ଼,୧୮ (ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ଧଳାପଥର ଗ୍ରାମ ପ୍ରବେଶ ରାସ୍ତାରୁ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ଜମି ରହୁଛି। ଧଳାପଥର-ରାଜସୁନାଖଳା ପୂର୍ତ୍ତ ରାସ୍ତାକୁ ସଂଯୋଗ କରୁଥିବା ଏହି ସିମେଣ୍ଟ କଂକ୍ରିଟ ରାସ୍ତାଟି ଦୀର୍ଘଦିନ ଧରି ମରାମତି ନ ହେବାରୁ ଏଭଳି ସ୍ଥିତି ହୋଇଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ସେହିପରି ଏହି ରାସ୍ତାର ମଙ୍ଗଳା ମନ୍ଦିରଠାରୁ ହନୁମାନ ମନ୍ଦିର ପର୍ଯ୍ୟନ୍ତ ବହୁ ସ୍ଥାନରେ ଖାଲଖମା ହୋଇଥିବାରୁ ଲୋକେ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ବହୁ ସମୟରେ



ରାସ୍ତାରେ ବର୍ଷା ପାଣି ଜମି ରହିଛି।

ଦୁର୍ଘଟଣା ଘଟୁଥିବା ନଜିର ରହିଛି। ତୁରନ୍ତ ରାସ୍ତା ମରାମତି କରାଯିବା ପାଇଁ ଦାବି ହୋଇଛି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ନାରାୟଣ ସାହୁ କହିଛନ୍ତି, ଆଗରୁ ବର୍ଷାପାଣି ନିଷ୍କାସନ ପାଇଁ ଡ୍ରେନ୍ ବ୍ୟବସ୍ଥା ଥିଲା। ଏହି ଡ୍ରେନ୍ ଦ୍ୱାରା ଜଳ ନିଷ୍କାସିତ ହୋଇ ନିକଟ ଖଣ୍ଡିଆ ପୋଖରୀକୁ ଯାଉଥିଲା। ପରବର୍ତ୍ତୀ ସମୟରେ ସ୍ଥାନୀୟ ଲୋକେ ପୋଖରୀ ହୁଡ଼ା ଓ ରାସ୍ତାକୁ ଲଗାଇ ଘର ନିର୍ମାଣ କରିବା ଫଳରେ ଏପରି ଅବସ୍ଥା ସୃଷ୍ଟି ହୋଇଛି। ଆଗାମୀ ଦିନରେ ଏହି ସାହି ରାସ୍ତା ମରାମତି କରାଯିବା ସହିତ ଡ୍ରେନ୍‌ରେ ଜଳ ନିଷ୍କାସନ ବ୍ୟବସ୍ଥା କରାଯିବ।

## ସଂକ୍ଷେପରେ

### କଣାସର ପ୍ରିୟଙ୍କା ପାଇଲେ ଓସିଏସ୍

କଣାସ,୧।୮
(ବିଭୂତି ଭୂଷଣ ତ୍ରିପାଠୀ)



କଣାସ ବ୍ଲକ ଅନ୍ତର୍ଗତ ବିନ୍ଧଣ ପଞ୍ଚାୟତର ହରଷପଡ଼ା ଗ୍ରାମର ଶିକ୍ଷକ ବିଦ୍ୟାଧର ବିଶ୍ୱାଳଙ୍କ ଝିଅ ପ୍ରିୟଙ୍କା ପ୍ରିୟଦର୍ଶିନୀ ବିଶ୍ୱାଳ ଓସିଏସ୍‌ରେ ୧୧୭ ର୍‍ୟାଙ୍କ ସ୍ଥାନ ରଖି କୃତକାର୍ଯ୍ୟ ହୋଇଛନ୍ତି। ସେ ତୃତୀୟ, ପଞ୍ଚମ, ସପ୍ତମ ଶ୍ରେଣୀରେ ମେଧାବୃତ୍ତି ପାଇଥିଲେ। କଣାସ ସରକାରୀ ଉଚ୍ଚ ବିଦ୍ୟାଳୟରେ ମାଟ୍ରିକ ପ୍ରଥମ ଶ୍ରେଣୀରେ ପାସ୍ କରିବା ପରେ ଭୁବନେଶ୍ୱର ବିଜେବି କଲେଜରେ +୨ ବିଜ୍ଞାନରେ ଉତ୍ତୀର୍ଣ୍ଣ ହେବା ପରେ ବିଟେକ୍ ଡିଗ୍ରୀ ହାସଲ କରିଛନ୍ତି।

### ପ୍ରଧାନଶିକ୍ଷୟିତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା

ସାକ୍ଷୀଗୋପାଳ,୧।୮(ଭରତ ରାଉତ)

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ନୂଆ ସୋମେଶ୍ୱରପୁର ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଷମାରାଣୀ ପଟ୍ଟନାୟକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସୁଷମାରାଣୀଙ୍କୁ ଅନ୍ତିମ ଦିବସରେ ଓଇଏସ୍-୨କୁ ପଦୋନ୍ନତି କରାଯାଇ ପୁରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ନିଯୁକ୍ତି ଦିଆଯାଇଛି। ବରିଷ୍ଠ ଶିକ୍ଷକ ରାଜକିଶୋର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିଥି ଭାବେ ଶିକ୍ଷକ ଶଙ୍କର୍ଷଣ ସୁବୁଦ୍ଧି, ମାନସ ରଞ୍ଜନ ପଟ୍ଟନାୟକ, ସୁଷମାରାଣୀ ସ୍ୱାଇଁ, ଦିଗମ୍ବର ରଥ, ଦୁର୍ଗାପ୍ରସାଦ ମିଶ୍ର, ପ୍ରହ୍ଲାଦ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଆୟୋଜିତ ସଭାରେ ଶିକ୍ଷୟିତ୍ରୀ ସୁଦିପ୍ତା ମିଶ୍ର, ମମତା ଦଳେଇ, ମନିଷା ଦେବୀ, ବିଶ୍ୱ ବିକାଶ ପ୍ରଧାନ, ବିଭୂତି ଭୂଷଣ ପ୍ରଧାନ, ବିଜୟଲକ୍ଷ୍ମୀ ପରିଡ଼ା, ସିପ୍ରା ଷଡ଼ଙ୍ଗୀ, ଲୋପାମୁଦ୍ରା ସ୍ୱାଇଁ, ତ୍ରିନାଥ ବେହେରା, ପରିଚାଳନା କମିଟି ସଭ୍ୟ ବୃନ୍ଦ, ଗ୍ରାମବାସୀ, ଅଭିଭାବକ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମୟାନୁବର୍ତ୍ତିତା, ଶିକ୍ଷାଦାନ ଶୈଳୀ, ମିଷ୍ଟଭାଷୀ ପ୍ରଭୃତି ଉପରେ ଅତିଥି ଗୁଣଗାନ କରିଥିଲେ। ଛାତ୍ରୀଛାତ୍ର, ଅଭିଭାବକ, ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ତାଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନ କରିଥିଲେ। ଲକ୍ଷ୍ମୀ ପ୍ରସାଦ ମିଶ୍ର ଧନ୍ୟବାଦ ଦେଇଥିଲେ।

### ଏକାଦଶ ଶ୍ରେଣୀ ପାଠପଢ଼ା ଆରମ୍ଭ, ସ୍ୱାଗତ ଉତ୍ସବ

ଡେଲାଙ୍ଗ,୧।୮(ରଶ୍ମିରଞ୍ଜନ ପ୍ରଧାନ)

କଲ୍ୟାଣପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତଥା ଯୁକ୍ତ ୨ କଲେଜରେ ମଙ୍ଗଳବାରଠାରୁ ପାଠପଢ଼ା ଆରମ୍ଭ ହେବା ସହିତ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମାଟ୍ରିକ ପାସ କରିଥିବା ଛାତ୍ରୀଛାତ୍ରଙ୍କ କଲେଜରେ ପ୍ରଥମ ଦିନ ହୋଇଥିବାରୁ ତାଙ୍କୁ ସ୍ୱାଗତ କରାଯାଇଛି। କଲେଜ ଅଧ୍ୟକ୍ଷା ତୃପ୍ତିମୟୀ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅଧ୍ୟାପକ ନିରୋଦ ସାମନ୍ତରାୟ, ଲୋକନାଥ ମିଶ୍ର, କୈଳାସ ଚନ୍ଦ୍ର ଦାଶ, ବିଷ୍ଣୁପ୍ରିୟା ଦେଈ, ଅନିତା କୁମାରୀ ମିଶ୍ର, କୈଳାସ ଚନ୍ଦ୍ର ସାହୁ, ମନୋଜ ପ୍ରଧାନ, ଅଜୟ ନାୟକ, ସମ୍ପଦ ପ୍ରଧାନ, ଆଦିତ୍ୟ ପାଣିଗ୍ରାହୀ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ। ପ୍ରଥମ ଦିବସରେ ଇନ୍‌ଟ୍ରୋଡ୍ୟୁସନ କ୍ଲାସ କରାଯିବା ସହିତ ଟାଇମ୍‌ଟେବୁଲ ବଣ୍ଟନ, ଶାନ୍ତଶୃଙ୍ଖଳା, ନିୟମିତ କ୍ଲାସରେ ଉପସ୍ଥିତ ରହିବା ଓ କଲେଜର ବିଭିନ୍ନ ନିୟମ ସମ୍ପର୍କରେ ଅବଗତ କରାଯାଇଥିଲା। ଅଧ୍ୟାପକ ଦିଲୀପ ରଥ ସଭା ସଂଯୋଜନା ଓ ମଞ୍ଚ ପରିଚାଳନା କରିଥିଲେ।

### ଗୋସେବକ ଗୋବିନ୍ଦ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି

ପୁରୀ,୧।୮(ଅଜିତ ମହାନ୍ତି)

ଗୋସେବକ ଗୋବିନ୍ଦ ମହାନ୍ତିଙ୍କ ଏକାଦଶାହ ଅବସରରେ ପୁରୀ ଜିଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବାଘଆଖଡା ମଠରେ ଏକ ଶ୍ରଦ୍ଧାଞ୍ଜଳି ସଭା ଓ ହରିନାମ ସଂକୀର୍ତ୍ତନ କରାଯାଇଛି। ମଞ୍ଚ ସଭାପତି ପ୍ରଫେସର କାର୍ତ୍ତିକ କୁମାର ଦାସ ଶ୍ରଦ୍ଧାଞ୍ଜଳି ସଭାରେ ଅଧ୍ୟକ୍ଷତା କରିଥିଲେ। ଏହି ସଭାରେ ଗୋ ସେବକ ମହାନ୍ତିଙ୍କ ସ୍ମୃତିଚାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶଙ୍ଖେଶ୍ୱରୀ ମନ୍ଦିର କମିଟି ସଦସ୍ୟ, ବଡଶଙ୍ଖ ବଜାର କମିଟି ସଦସ୍ୟ ଓ ଛଇତନା ଗୋଶାଳାର ଗୋସେବକମାନେ ଯୋଗଦେଇଥିଲେ। ମଞ୍ଚ ସମ୍ପାଦକ ଦେବେନ ଦାଶ, କୋଷାଧ୍ୟକ୍ଷ ଗୋଲକ ଚନ୍ଦ୍ର ଜେନା, ଅଶୋକ ମହାନ୍ତି, ରତ୍ନାକର ସାହୁ, ସନ୍ତୋଷ ମହାନ୍ତି ଓ ଅଧିବକ୍ତା ବିପିନ ବିହାରୀ ଦଳାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସୌନ୍ଦର୍ଯ୍ୟ ନାମରେ ପୋତାଯାଉଛି ଅଠରନଳା ନଦୀ

## କାର୍ଯ୍ୟକୁ ସ୍ଥାନୀୟବାସିନ୍ଦାଙ୍କ ବିରୋଧ

ପୁରୀ,୧।୮(ଅଜିତ ମହାନ୍ତି)



ଅଠରନଳା ନଦୀରେ ବାଲି ପକାଇ ପୋତାଯାଉଛି ।

ରାଜ୍ୟ ସରକାର ପୁରୀ ସହରକୁ ବିଶ୍ୱ ଐତିହ୍ୟ ନଗରୀରେ ପରିଣତ କରିବା ପାଇଁ ବିଭିନ୍ନ ଯୋଜନାମାନ କାର୍ଯ୍ୟକାରୀ କରୁଛନ୍ତି। ମାତ୍ର ଅନେକ ସମୟରେ ସରକାରଙ୍କ ଦୂରଦୃଷ୍ଟି ଅଭାବ କାରଣରୁ ଉନ୍ନତି ପାଇଁ ହେଉଥିବା କାର୍ଯ୍ୟ ଜନସାଧାରଣଙ୍କ ସୁବିଧା ହେବା ପରିବର୍ତ୍ତେ ଅନେକ ସମସ୍ୟା ଆଣି ଦେଉଛି। ଫଳରେ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ସରକାର ଉନ୍ନତିକରଣ ନାମରେ କାର୍ଯ୍ୟ ହେଉଥିବା ଦର୍ଶାଇ ପୁରୀର ପ୍ରବେଶ ପଥ ଅଠରନଳା(ମୂଷାଖାଇ) ନଦୀକୁ ପୋତି ଦିଆଯାଉଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଫଳରେ ଭବିଷ୍ୟତରେ ମୂଷାଖାଇ ନଦୀ ଲୋପପାଇଯିବା ସହ ପୁରୀବାସୀ ସମସ୍ୟା ଭୋଗିପାରନ୍ତି ବୋଲି ଆଶଙ୍କା କରାଯାଉଛି। ସୂଚନା ଅନୁଯାୟୀ, ପୂର୍ବରୁ ପୁରୀର ଅନେକ କେନାଲ, ନଦୀକୁ ଏଭଳି ବିଭିନ୍ନ ଉନ୍ନୟନ କାର୍ଯ୍ୟର ଆଳ ଦେଇ ପ୍ରଶାସନ ଚିହ୍ନବର୍ହ୍ମ ହଜାଇ ଦେଇଥିବା ବେଳେ ଏବେ ମୂଷାଖାଇ ନଦୀ ଉପରେ ନଜର ପଡ଼ିଛି। ପ୍ରଶାସନ ପକ୍ଷରୁ କୁମ୍ଭାରପଡ଼ା ଥାନାଠାରୁ ଗରୁଡ଼ ଛକର ବାମପାର୍ଶ୍ୱରେ ଥିବା ଜଳାଶୟକୁ ବାଲି ପକାଇ ପୋତିବାରେ ଲାଗିଛନ୍ତି। କିନ୍ତୁ ସରକାରଙ୍କ ଖତିୟାନରେ ଉକ୍ତ ଜାଗାଟି ଅଠରନଳା ନଦୀ ବୋଲି ରହିଛି। ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ପକ୍ଷରୁ ନଦୀ ପୋତାଯିବା କାର୍ଯ୍ୟ କରାଯାଉଛି। ତେବେ ଅଠରନଳା ନଦୀକୁ ପୋତାଯାଇ ନୂତନ ଭାବେ କରାଯାଉଥିବା କାର୍ଯ୍ୟକୁ ସାଧାରଣରେ ନାପସନ୍ଦ କରାଯାଇଛି। ପ୍ରଶାସନ ନଦୀ ପୋତି ବେଆଇନ ଭାବେ କାର୍ଯ୍ୟ କରୁଥିବା ନେଇ ଅଭିଯୋଗ ହେଉଛି। ପୂର୍ବରୁ ମଧ୍ୟ ହୃଦୟ ଯୋଜନାରେ ଉନ୍ନତୀକରଣ କାର୍ଯ୍ୟ ନାମରେ ଅଠରନଳା ନଦୀର କିଛି ଅଂଶ ପୋତାଯାଇଥିଲା। ଅପରପକ୍ଷେ ସ୍ୱେରେଜ ବୋର୍ଡ ପକ୍ଷରୁ ନଦୀ ପରିସରରେ ମ୍ୟାନ ହୋଲ କରାଯାଇଥିଲା। ସେହିପରି ନଦୀର ଅପରପାର୍ଶ୍ୱରେ ଅନେକ ଲୋକ ବେଆଇନ ଭାବେ ବସ୍ତି ନିର୍ମାଣ କରି ବସବାସ କରୁଛନ୍ତି। ଫଳରେ ନଦୀ ଦିନକୁଦିନ ସଙ୍କୁଚିତ ହେବାରେ ଲାଗିଛି। ମାତ୍ର ସରକାର ନଦୀରେ ପୁନରୁଦ୍ଧାର କରିବା ପରିବର୍ତ୍ତେ ଉନ୍ନତିମୂଳକ କାର୍ଯ୍ୟ କହି ବିଭିନ୍ନ ସମୟରେ ନଦୀକୁ ପୋତିଦେବା ଘଟଣା ଦେଖିବାକୁ ମିଳୁଛି। ଯାହାକୁ ନେଇ ସ୍ଥାନୀୟ ବାସିନ୍ଦା ବିରୋଧ କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି।

ତେବେ କାର୍ଯ୍ୟ ସମ୍ପର୍କରେ ଓଡ଼ିଶା ସେତୁ ଓ ନିର୍ମାଣ ନିଗମର ପ୍ରକଳ୍ପ ଯନ୍ତ୍ରୀ ସୁନ୍ଦର ମାଧବ ପାଢୀ କହିଛନ୍ତି, ପୁରୁଣା ଅଠରନଳା ବ୍ରିଜ୍ ଏବଂ ନୂତନ ଅଠରନଳା ବ୍ରିଜ୍ ମଧ୍ୟରେ କାର୍ଯ୍ୟ କରାଯାଉଛି। ଅଠରନଳା ନଦୀବନ୍ଧ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯାଇ ଏକ ପାର୍କ କରାଯିବ। କାର୍ଯ୍ୟ ପାଇଁ ପ୍ରଶାସନିକ ଅନୁମତି ମିଳିବା ପରେ ଟେଣ୍ଡର କରାଯାଇଥିଲା। ଟେଣ୍ଡର ଫାଇନାଲ ହେବା ପରେ ଜଣେ ଠିକାଦାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଯେଉଁ ସ୍ଥାନରେ କାର୍ଯ୍ୟ କରାଯାଉଛି ତାହା ପ୍ରାଇଭେଟ ଜାଗା ଅଟେ। ଅନୁଧ୍ୟାନ କରିବା ପରେ କାର୍ଯ୍ୟ ଆରମ୍ଭ କରାଯାଇଛି। କାର୍ଯ୍ୟ ହେବାକୁ ସ୍ଥାନରେ ପାଖାପାଖି ୮୦ ଶତକଡା ପ୍ରାଇଭେଟ ଲେନ୍ ରହିଛି। ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପାଇଁ ପ୍ରାୟ ୧୦ କୋଟି ଟଙ୍କା ମଞ୍ଜୁରୀ କରାଯାଇଛି। ସମସ୍ତ କାର୍ଯ୍ୟ ୧ ବର୍ଷ ମଧ୍ୟରେ ଶେଷ କରିବା ନେଇ ସମୟ ଧାର୍ଯ୍ୟ କରାଯାଇଛି। ଏହିପରି କାର୍ଯ୍ୟ ଗରୁଡ ମୂର୍ତ୍ତି ପାଖ ଅଞ୍ଚଳରେ ମଧ୍ୟ କରାଯିବ। ସେହିପରି ପୁରୁଣା ଅଠରାନଳା ବ୍ରିଜ୍‌କୁ ଆଲୋକୀକରଣ କରାଯିବ ବୋଲି ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଉନ୍ନତୀକରଣ ପାଇଁ ଜଳାଶୟକୁ ପୋତି ସେଠାରେ ସୌନ୍ଦର୍ଯ୍ୟକରଣ ପାଇଁ ପାର୍କ ନିର୍ମାଣ କରାଯିବା କେତେ ଦୂର ଠିକ୍। ନିୟମ ଅନୁଯାୟୀ ଜଳାଶୟକୁ ପୋତି ସେଠାରେ ନିର୍ମାଣ କାର୍ଯ୍ୟ ହେବା ପାଇଁ ଅନୁମତି ନଥିବା ବେଳେ କିପରି ନିର୍ମାଣ ପାଇଁ ଅନୁମତି ମିଳିଲା ତାହାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି।

# ବିଦ୍ୟାଳୟରେ ଶିକ୍ଷାଦାନ, ମଧ୍ୟାହ୍ନଭୋଜନ ବାଧାପ୍ରାପ୍ତ

## ବିଦ୍ୟାଳୟକୁ ଯାଇପାରିଲେନି ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷକ

ନିମାପଡ଼ା,୧।୮(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ଅଧୀନ ତମ୍ପାଲୋ ପଞ୍ଚାୟତର ଚଢେଇ ଗ୍ରାମର ଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨ ଦିନ ହେବ ତାଲା ଝୁଲୁଛି। ବିଦ୍ୟାଳୟର ସହକାରୀ ଶିକ୍ଷକ ଜଗନ୍ନାଥ ମଲ୍ଲିକଙ୍କ ଅନ୍ୟତ୍ର ବଦଳି ହୋଇଯାଇଛି। ଏହାର ପ୍ରତିବାଦରେ ସ୍ଥାନୀୟ ଗ୍ରାମବାସୀ, ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତାଙ୍କ ସମେତ ଶତାଧିକ ବ୍ୟକ୍ତି ଉତ୍ତେଜିତ ହୋଇ ସୋମବାରଠାରୁ ବିଦ୍ୟାଳୟ ଫାଟକରେ ତାଲା ପକାଇ ଗଣଧାରଣାରେ ବସିଥିଲେ। ଏହି ଆନ୍ଦୋଳନ ମଙ୍ଗଳବାର ଦ୍ୱିତୀୟ ଦିବସରେ ପହଞ୍ଚିଛି। ତେବେ ଫାଟକରେ ତାଲା ପଡ଼ିବାରୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜୟ ସେଠୀଙ୍କ ସମେତ ୫ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ବିଦ୍ୟାଳୟ ଭିତରକୁ ପଶିପାରି ନ ଥିଲେ। ଗ୍ରାମବାସୀ, ଅଭିଭାବକ, ପରିଚାଳନା କମିଟିର ଏପରି ପ୍ରତିବାଦ ଯୋଗୁ ୨ ଦିନ ହେଲା ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ, ମଧ୍ୟାହ୍ନଭୋଜନ ବ୍ୟବସ୍ଥା ବହୁଳ ଭାବେ ବାଧାପ୍ରାପ୍ତ ହୋଇଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ଓ ପ୍ରତିକ୍ରିୟା ଦେଖାଦେଇଛି। ଏପରି ଅବସ୍ଥାରେ ମଧ୍ୟ ବ୍ଲକଶିକ୍ଷା ବିଭାଗର କେହି ଅଧିକାରୀ ଆନ୍ଦୋଳନସ୍ଥଳରେ ପହଞ୍ଚି ନ ଥିବା ଅତ୍ୟନ୍ତ ଦୁଃଖ, ପରିତାପ, ଲଜ୍ଜାଜନକ ବିଷୟ ବୋଲି ପୂର୍ବତନ ସରପଞ୍ଚ ଅକ୍ଷୟ ପଢିଆରୀ, ପରିଚାଳନା କମିଟି ସଭାପତି ରବୀନ୍ଦ୍ର ପରିଡ଼ା, ନାଏବ ସରପଞ୍ଚ ସାବିତ୍ରୀ ନାୟକ, ପଦ୍ମଚରଣ ମଲ୍ଲିକଙ୍କ ସମେତ ଶତାଧିକ ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସେଠୀଙ୍କୁ ପଚାରିବାରେ, ଏହି ଘଟଣା ସମ୍ପର୍କରେ ସେ ସରକାରୀ ଏବିଇଓ ସୌଦାମିନୀ ଦାଶଙ୍କୁ ମଙ୍ଗଳବାର ଲିଖିତ ଅବଗତ କରିଥିବା କହିଛନ୍ତି। ଏନେଇ ଏବିଇଓଙ୍କୁ ପଚାରିବାରେ, ସେ ପ୍ରଧାନଶିକ୍ଷକଙ୍କଠାରୁ ଲିଖିତ ପତ୍ର ପାଇଛନ୍ତି। ଏବାବଦରେ ବିଇଓଙ୍କୁ ଅବଗତ କରିବେ। ସେ ଯାହା ପଦକ୍ଷେପ ନେବେ ବୋଲି ଏବିଇଓ ଦାଶ କହିଛନ୍ତି। କେବେ ଏହି ବିବାଦର ସମାଧାନ ହେବ, ବିଦ୍ୟାଳୟରୁ ତାଲା ଖୋଲିବ, ପିଲାଙ୍କ ଶିକ୍ଷାଦାନ ହେବା ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।




ବିଦ୍ୟାଳୟରେ ତାଲା ପଡ଼ିଥିବାରୁ ଶିକ୍ଷୟିତ୍ରୀ, ଶିକ୍ଷକ ବାହାରେ ଠିଆ ହୋଇଛନ୍ତି।

# ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନେଇ ପ୍ରସ୍ତୁତି




ସର୍କିଟ ହାଉସ ସମ୍ମିଳନୀ ଗୃହରେ ଅତିରିକ୍ତ ଜିଲାପାଳ(ପ୍ରଶାସନ) ପ୍ରଦୀପ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅଧିକାରୀ ।

ପୁରୀ,୧।୮(ଅଜିତ ମହାନ୍ତି)

## ଡାକବାଜି ଯନ୍ତ୍ର ମାଧ୍ୟମରେ ରାମଧୁନ ପରିବେଷଣ

୭୭ତମ ପୁରୀ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ସର୍କିଟ ହାଉସ ସମ୍ମିଳନୀ ଗୃହରେ ଅତିରିକ୍ତ ଜିଲାପାଳ(ପ୍ରଶାସନ) ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ତାଳବଣିଆସ୍ଥିତ ଜିଲା ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ୧୫ ତାରିଖରେ ସ୍ୱାଧୀନତା ଦିବସ ପାଳନ କରାଯିବ। ଏଥିରେ ମୁଖ୍ୟ ଅତିଥି ସକାଳ ୯ଟା ୧୫ରେ ଜାତୀୟ ପତାକା ଉତ୍ତୋଳନ କରି ଉଦବୋଧନ ପ୍ରଦାନ କରିବେ। ଜିଲା ଶିକ୍ଷା ବିଭାଗ ପକ୍ଷରୁ ଓ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ପକ୍ଷରୁ ପୂର୍ବରୁ ଆୟୋଜିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ ଶ୍ରେଷ୍ଠ କୃତୀ ପ୍ରତିଯୋଗୀଙ୍କୁ ପରେଡ ପଡ଼ିଆରେ ପୁରସ୍କୃତ କରାଯିବ। ସେହିପରି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହି ସମ୍ବର୍ଦ୍ଧନା ପାଇଁ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇ ନିଷ୍ପତ୍ତି ନିଆଯିବ। ସେଦିନ ପ୍ରତ୍ୟୁଷରୁ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସହର ମଧ୍ୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ରାମଧୁନ ପରିବେଷଣ, ପୌର ପ୍ରଶାସନ ସହଯୋଗରେ ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ସେହିପରି ସ୍ପୋର୍ଟସ କମ୍ପ୍ଲେକ୍ସ ପରିସରରେ ଚାରାରୋପଣ, ଉତ୍କଳ ବାଳାଶ୍ରମର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ, ମୁଖ୍ୟ ଚିକିତ୍ସାଳୟର ରୋଗୀଙ୍କୁ ଫଳ ବଣ୍ଟନ ଓ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ରକ୍ତଦାନ ଶିବିର ଆୟୋଜନ କରାଯିବ। ୧୪ ତାରିଖରେ ସଦଭାବନା ସଭାଗୃହରେ ଦେଶାତ୍ମବୋଧକ କବିତା ପାଠୋତ୍ସବ ହେବ। ସ୍ୱାଧୀନତା ଦିବସ ଦିନ ସକାଳ ୭ଟାରେ ଗାନ୍ଧୀ ଘାଟରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଏସ୍‌ପି ବିଷ୍ଣୁଚରଣ ପତି, ପୌରନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଣବ ଶଙ୍କର ଦାଶ, ପୋଲିସ ରିଜର୍ଭ ଇନ୍ସପେକ୍ଟର ଚିତ୍ତରଞ୍ଜନ ମହାନ୍ତି, ଅଗ୍ନିଶମ ଅଧିକାରୀ ପ୍ରସନ୍ନ ବେହେରା, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, ଏସ୍‌ସିଏସ୍ କଲେଜର ଏନ୍‌ସିସି ଅଫିସର ସଞ୍ଜୟ ସୁନ୍ଦରରାୟ, ସର୍ବୋଦୟ କମିଟିର ସମ୍ପାଦକ ଶିବ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ ଧନ୍ୟବାଦ ଦେଇଥିଲେ।

# ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଉତ୍ସବ

ସାକ୍ଷୀଗୋପାଳ,୧।୮(ଭରତ ରାଉତ)

ସାକ୍ଷୀଗୋପାଳସ୍ଥିତ ଉତ୍କଳମଣି ଗୋପବନ୍ଧୁ ସ୍ମୃତିମହାବିଦ୍ୟାଳୟରେ +୨ କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ସତ୍ୟ ଶିବସୁନ୍ଦର ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ମହାବିଦ୍ୟାଳୟର ଏକାଡେମିକ ବର୍ଷର ପ୍ର. ଧନୁର୍ଦ୍ଧର ମୁଦୁଲିଙ୍କ ସହିତ ମହାବିଦ୍ୟାଳୟର ବରିଷ୍ଠ ତଥା କନିଷ୍ଠ ଅଧ୍ୟାପିକା ଅଧ୍ୟାପକ ଆୟୋଜିତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ। ନବାଗତ ବିଭାଗୀୟ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ ନିମନ୍ତେ ୬ ଗୋଟି ଶ୍ରେଣୀଗୃହର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏହି ଅବସରରେ ମହାବିଦ୍ୟାଳୟ ଅଧ୍ୟାପିକା ଅଧ୍ୟାପକ ପ୍ରାୟ ୬ଶହ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ସହ ଅନୁଷ୍ଠାନର ଇତିହାସ, ନୀତି ନିୟମ, ଶୃଙ୍ଖଳାବୋଧ, ନିୟମିତ ଶ୍ରେଣୀଗୃହକୁ ଆସିବା ସହିତ କଲେଜ ଲାଇବ୍ରେରି, କ୍ରୀଡ଼ା, ଜାତୀୟ ସେବା ଯୋଜନା, ରେଡ଼କ୍ରସ୍, ସ୍କାଉଟ ଆଣ୍ଡ ଗାଇଡ଼ ଏବଂ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ର. ସୁଜାତା ମହାପାତ୍ର, ପ୍ର. ରତ୍ନାକର ସାହୁ, ପ୍ର. ଚନ୍ଦ୍ରଶେଖର ତ୍ରିପାଠୀ, ଡ. କଳ୍ପନା କୁମାରୀ ମହାପାତ୍ର, ଡ. ରାଜଶ୍ରୀ ଶତପଥୀ, ଡ. ଶଙ୍କର୍ଷଣ ପ୍ରଧାନ, ପ୍ର.ସସ୍ମିତା ପ୍ରଧାନ, ପ୍ର. ଶୁଭ୍ରାଦୀପ୍ତା ପଟ୍ଟନାୟକ, ପ୍ର. ସ୍ୱର୍ଣ୍ଣଲତା ମାହାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଲାୟନ୍ସ କ୍ଲବ ପୁରୀର ଅଧିଷ୍ଠାନ ଉତ୍ସବ




ପୁରୀ,୧।୮(ଅଜିତ୍ ମହାନ୍ତି)

ଲାୟନ୍ସ କ୍ଲବ୍ ପୁରୀର ୪୮ତମ ଅଧିଷ୍ଠାନ ଉତ୍ସବ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ଗଭର୍ନର ଲାୟନ କଳ୍ପନା ବିଶ୍ୱାଳ ଅଧିଷ୍ଠିତ ଅଧିକାରୀ ଭାବେ ଯୋଗଦେଇଥିଲେ। ସଭାପତି ଲାୟନ୍ ଶ୍ୟାମ ପ୍ରସାଦ ଚନ୍ଦୁକାଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ସମ୍ପାଦକ ଶିବ ପ୍ରସାଦ ଦାସ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଜୋନ୍ ଚେୟାରମ୍ୟାନ ଲାୟନ ବିଷ୍ଣୁପ୍ରିୟା ଦାସ କ୍ଲବ୍‌ର ଉନ୍ନତି ନେଇ ଉପଦେଶ ଦେଇଥିଲେ। ପରେ ୬ ଜଣ ନୂତନ ସଭ୍ୟଙ୍କୁ ଶପଥ ଗ୍ରହଣ କରାଯାଇଥିଲା। ଲାୟନ କଳ୍ପନା ବିଶ୍ୱାଳ ନୂତନ ସଭାପତି ଲାୟନ୍ସ ମହମ୍ମଦ୍ ୱାଜିରଓ୍ୱାଲା, ସମ୍ପାଦକ ଲାୟନ ରଶ୍ମିତା ପାତ୍ର, କୋଷାଧ୍ୟକ୍ଷ ଲାୟନ ଗୋବିନ୍ଦ ପାତ୍ର ଏବଂ ସମସ୍ତ ଦାୟିତ୍ୱରେ ଥିବା ସଭ୍ୟମାନଙ୍କୁ ଅଧିଷ୍ଠିତ କରାଇଥିଲେ। ସଭାପତି ଶ୍ୟାମପ୍ରସାଦ ଚନ୍ଦୁକା ନୂତନ ସଭାପତି ଲାୟନ ମହମ୍ମଦ୍ ୱାଜିରଓ୍ୱାଲାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଶେଷରେ ସମ୍ପାଦକ ଲାୟନ ରଶ୍ମିତା ପାତ୍ର ଧନ୍ୟବାଦ ଦେଇଥିଲେ। ଲାୟନ ବିଜୟ ସୁବୁଦ୍ଧି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ମଙ୍ଗଳବାର ଅନୁଷ୍ଠିତ ନାଟକ 'ଭାବକୁ ନିକଟ'ର ଏକ ଦୃଶ୍ୟ ।

# ବିଦ୍ୟାଳୟରେ ଚାରାରୋପଣ



ବିଦ୍ୟାଳୟ ପରିସରରେ ଶିକ୍ଷକ ଓ ଛାତ୍ରୀଛାତ୍ର ଚାରାରୋପଣ କରୁଛନ୍ତି ।

ପିପିଲି,୧।୮(ଦୁର୍ଗାମାଧବ ମିଶ୍ର)

ଗୋବିନ୍ଦପୁର ନୋଡାଲ ୟୁପି ସ୍କୁଲ ପ୍ରାଙ୍ଗଣରେ ମଙ୍ଗଳବାର ବ୍ୟାପକ ଚାରାରୋପଣ କାର୍ଯ୍ୟକ୍ରମ ମଙ୍ଗଳବାର ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ମଧୁଛନ୍ଦା ମିଶ୍ରଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ଆମ୍ବ, ପଣସ, ଶାଗୁଆନ, ଶିଶୁ, ପିଜୁଳି, ଡାଳିମ୍ବ, ଦେବଦାରୁ, ଶାଳ, ଆକାଶୀ, କାଜୁ, ଝାଉଁ ଆଦି ୧୫୦ ବୃକ୍ଷର ଚାରାରୋପଣ କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ଗଛର ଉପକାରିତା ଏବଂ ବୃକ୍ଷ ହିଁ ଜୀବନ ଏ ବିଷୟରେ ସିଆର୍‌ସିସି ଚିନ୍ତାମଣି ଓଝା ବୁଝାଇଥିଲେ। ଶିକ୍ଷକ ସନ୍ତୋଷ ନାୟକ, ସସ୍ମିତା ମିଶ୍ର, ଉମେଶ ଚନ୍ଦ୍ର ନାୟକ, ପ୍ରଦୀପ୍ତ ପଟ୍ଟନାୟକ, ସଞ୍ଜିବ ରଥ, ବେବିରାଣୀ ବେହେରା, ମିନତି ଦାସ, ବାସନ୍ତୀ ତ୍ରିପାଠୀ, ମମତା ମହାପାତ୍ର, ସୁନାମଣି ଦେଈ, ପିଙ୍କି ମିଶ୍ର, ମୋନାଲିସା ରାଉତ, ତେଜସ୍ୱିନୀ ଦାସ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟାସଭ୍ୟ ଚାରାରୋପଣ କରିବା ଏବଂ ରୋପଣ କରାଯାଇଥିବା ଗଛଗୁଡ଼ିକର ଯତ୍ନ ନେବା ପାଇଁ ଶପଥ ନେଇଥିଲେ। ଜାମୁକୋଳି ବନ ଅଧିକାରୀ ଯୁଧିଷ୍ଠିର ମଲ୍ଲିକ ଏ ସମସ୍ତ ଚାରା ମାଗଣାରେ ଯୋଗାଇ ଦେଇଥିଲେ।

# ଅନୁପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ

## ପଞ୍ଚାୟତ ସମିତି ବୈଠକ

ଡେଲାଙ୍ଗ,୧।୮(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ୫ମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡେଲାଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତି ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସ୍ଥାନୀୟ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ମଣ୍ଡଳ ଉନ୍ନୟନ ଅଧିକାରୀ ଲାବଣ୍ୟେନ୍ଦୁ ମହାନ୍ତି, ତହସିଲଦାର ସୁଶ୍ରୀ ନିବେଦିତା ପରିଡ଼ା, ଏବିଡିଓ ପ୍ରଦିପ୍ତ ନାୟକ, ଜିପିଓ ରତିକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଗ୍ରାମ୍ୟ ଉନ୍ନୟନ ବିଭାଗ, ବିଦ୍ୟୁତ୍ ବିଭାଗ, ବନ ବିଭାଗର କୌଣସି କର୍ମଚାରୀ ଉପସ୍ଥିତ ନ ଥିବା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏନେଇ ବିଭାଗୀୟ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବ ବୋଲି ବିଧାୟକ ମହାରଥୀ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୃଷି, ପଶୁପାଳନ, ଗ୍ରାମ୍ୟ ଉନ୍ନୟନ ବିଭାଗ, ପାନୀୟ ଜଳ ଯୋଗାଣ, ଜଳସେଚନ ଓ ନିଷ୍କାସନ ପ୍ରମୁଖ ସମସ୍ୟା ନେଇ ଜନ ପ୍ରତିନିଧି ୫ମ ସମିତି ବୈଠକରେ ଅସନ୍ତୋଷ ପ୍ରକାଶ କରିଥିଲେ। ଡେଲାଙ୍ଗ ବ୍ଲକରେ କୃଷି ନିମନ୍ତେ ମାଇନର (କେନାଲ) ଦ୍ୱାରା ଜଳସେଚନର ବ୍ୟବସ୍ଥା ରହିଛି। ହେଲେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ଯୋଗୁ ଜଳସେଚନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରୁ ନ ଥିବା ଅଭିଯୋଗ ହୋଇଥିଲା। ମାଛପଡା, ବୁଆଲି, ପୋଷଲ, ସାଧପଡ଼ା, କୁଞ୍ଜର ମାଇନର ପ୍ରଭୃତିରେ ଅଦ୍ୟାବଧି କେନାଲ ପାଣି ନ ଆସିବାରୁ ସ୍ଥାନୀୟ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡିଛି। ସେହିପରି ଲୁଣାନଦୀରେ ଦଳ ଭର୍ତ୍ତି ଯୋଗୁ ଜଳ ନିଷ୍କାସନରେ ସମସ୍ୟା, ରାସ୍ତାଘାଟରେ ବଡ଼ ବଡ଼ ଗର୍ତ୍ତ ଥିବାବେଳେ ଯାତାୟାତ ସମସ୍ୟା ସମ୍ପର୍କରେ ଡେଲାଙ୍ଗ- କୋଠବାଡ଼ ସରପଞ୍ଚ ଦୀପକ ସାହୁ ଅଭିଯୋଗ କରିଥିଲେ। ଡେଲାଙ୍ଗ-କଣାସ, ପଟ୍ଟନାଇକିଆ-ଖୋର୍ଦ୍ଧା ରାସ୍ତାର ଅବସ୍ଥା ଶୋଚନୀୟ ଥିବାବେଳେ ଏହାର ସମାଧାନ କେବେ ହେବ ବୋଲି ସରପଞ୍ଚ ପ୍ରତିମା ପାତ୍ର, ମଳୟ ସେଠୀ, ପ୍ରଭାତୀ ବେହେରା, ଦୀପକ ସାହୁ ପ୍ରମୁଖ ଅଭିଯୋଗ କରିଥିଲେ। ଧାନକେରା, ବୋଳକଣା, ରେଞ୍ଚ, ଡେଲାଙ୍ଗ ବଜାର, ଡେଲାଙ୍ଗ-କୋଠବାଡ଼, ମୁନିନ୍ଦା ପ୍ରଭୃତି ବିଭିନ୍ନ ଗ୍ରାମରେ ଏବେ ପାନୀୟ ଜଳ ସମସ୍ୟା ଲାଗି ରହିଥିବା ରେଞ୍ଚର ସମିତି ସଭ୍ୟ ପ୍ରଭାତ ଜେନା ଅଭିଯୋଗ କରିଥିଲେ। ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ରଞ୍ଜନ ମିଶ୍ର ଏନେଇ ବୈଠକରେ ସନ୍ତୋଷଜନକ ଉତ୍ତର ରଖିପାରି ନ ଥିଲେ। ଚଳିତ ବୈଠକରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଅଭିଯୋଗଗୁଡ଼ିକ ଯଥାଶୀଘ୍ର ସମାଧାନ ଦିଗରେ ଗୁରୁତ୍ୱ ଦେବାକୁ ବିଧାୟକ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ବିଧାୟକ ଓ ଅନ୍ୟ ଅଧିକାରୀ ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଶା ସେକ୍ରେଟାରିଏଟ୍ ଅଡିଟର୍ସ ସର୍ଭିସ ଆସୋସିଏଶନର ବାର୍ଷିକ ସମ୍ମିଳନୀ, ସୂଚନା ଭବନ, ସକାଳ ୯ଟା।

## ସଂକ୍ଷେପରେ

### ରାଜଧାନୀରେ ଯୁକ୍ତ୨ ଛାତ୍ରୀଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୧।୮ (ସୂର୍ଯ୍ୟକାନ୍ତ ବେହେରା)

ଭରତପୁର ଥାନା ବରମୁଣ୍ଡା ଜଗନ୍ନାଥ ବିହାର ଅଞ୍ଚଳର ଦେବଯାନୀ ସ୍ୱାଇଁ (୧୮) ଓଢ଼ଣି ଦ୍ୱାରା ଝୁଲି ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ସେ ମହର୍ଷି କଲେଜରେ ଯୁକ୍ତ୨ ଦ୍ୱିତୀୟ ବର୍ଷରେ ପଢୁଥିଲେ। ମଙ୍ଗଳବାର ଏହି ଘଟଣା ଘଟିଥିବା ବେଳେ ପୋଲିସ ମୃତଦେହ ଜବତ କରି ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାନୁସାରେ, ଦେବଯାନୀଙ୍କ ମା' ଏକ ଘରୋଇ ସ୍କୁଲରେ ଶିକ୍ଷୟିତ୍ରୀ ଅଛନ୍ତି। ଦେବଯାନୀ ମେଧାବୀ ଛାତ୍ରୀ ଥିଲେ। ହେଲେ ପରୀକ୍ଷାରେ ଭଲ ମାର୍କ ରହିବନି ଭାବି ରେଗୁଲାର ପରୀକ୍ଷା ନ ଦେଇ ସପ୍ଲିମେଣ୍ଟାରୀ ପରୀକ୍ଷା ଦେବାକୁ ନିଷ୍ପତ୍ତି ନେଇଥିଲେ। ରେଗୁଲାର ପରୀକ୍ଷା ନ ଦେଲେ ସପ୍ଲିମେଣ୍ଟାରୀ ପରୀକ୍ଷା ଦେଇହେବେନି ପରେ ଜାଣି ଦେବଯାନୀ ଦୁଃଖରେ ଥିଲେ। ତାଙ୍କ ମା' ସୋମବାର ଅପରାହ୍ନରେ ବାହାରୁ ଘରକୁ ଫେରିବାବେଳେ ଫ୍ୟାନରେ ଓଢ଼ଣି ଲଗାଇ ଦେବଯାନୀ ଝୁଲୁଥିବା ଦେଖିଥିଲେ। ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଯାଇଥିଲେ।

### ପୁସ୍ତକ ଅଧ୍ୟୟନ, ପାଠପଢ଼ା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପରାମର୍ଶ

ବାଲିଅନ୍ତା, ୧।୮ (ନୀଳମାଧବ ସାହୁ)

ସ୍ଥାନୀୟ ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜରେ ମଙ୍ଗଳବାର ନବାଗତ ଯୁକ୍ତ ୨ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ସନ୍ତୋଷ ସେଠୀ ତାଙ୍କ ସ୍ୱାଗତ ଅଭିଭାଷଣରେ ନବାଗତ ଛାତ୍ରୀଛାତ୍ରଙ୍କୁ କଲେଜର ନୀତିନିୟମ, ଶୃଙ୍ଖଳା ବ୍ୟବସ୍ଥା, ପାଠପଢ଼ା ସମ୍ପର୍କରେ ଅବଗତ କରିଥିଲେ। ଉତ୍ସବରେ ଉପସ୍ଥିତ ପ୍ରାଧ୍ୟାପିକା ଅମିତା ମହାନାୟକ, ପ୍ରଜ୍ଞାପାରମିତା ମହାପାତ୍ର, ଜ୍ୟୋତ୍ସ୍ନା ମହାନ୍ତି, ଶ୍ରୀ ପରିଡ଼ା, ସଂଘମିତ୍ରା ମହାପାତ୍ର, ଅଧ୍ୟାପକ ଅରୁଣ ରଥ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ପୁସ୍ତକ ଅଧ୍ୟୟନ ଓ ପାଠପଢ଼ାରେ ମନୋନିବେଶ କରିବାକୁ ନବାଗତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗର ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଅଭିଭାବକ ଯୋଗଦେଇଥିଲେ। ଅଧ୍ୟାପକ କରମଚାନ୍ଦ ସିଂ ଧନ୍ୟବାଦ ଦେଇଥିଲେ।

### ୯ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଭୁବନେଶ୍ୱର,୧।୮ (ସୂର୍ଯ୍ୟକାନ୍ତ ବେହେରା)

ଖୋର୍ଦ୍ଧା ଅବକାରୀ ଜିଲାର ମୋବାଇଲ ୟୁନିଟ ସହିଦନଗର ଥାନା ଅନ୍ତର୍ଗତ ବିଶେଶ୍ୱରୀ ବସ୍ତିରେ ଚଢ଼ାଉ କରି ଜଣେ ନିଶା ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ ମଦନ ମୋହନ ସାମଲ । ତାଙ୍କଠାରୁ ୯ କେଜି ଗଞ୍ଜେଇ ଜବତ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ବସ୍‌ଷ୍ଟାଣ୍ଡ ନାମକରଣକୁ ଗ୍ରାମବାସୀଙ୍କ ବିରୋଧ

ବାରଙ୍ଗ,୧।୮ (ଲିଙ୍ଗରାଜ ରାଉତ)


ଖବରଦାତା ସମ୍ମିଳନୀରେ ଗ୍ରାମର ମୁରବୀ, ନାରୀନେତ୍ରୀ, ଯୁବନେତାମାନେ।

ବାରଙ୍ଗ ତ୍ରିଶୂଳିଆ ଛକରେ ନୂଆ କରି ନିର୍ମିତ ହୋଇଥିବା ଓଏସ୍‌ଆର୍‌ଟିସିର ବସ୍‌ଷ୍ଟାଣ୍ଡର ନାମକରଣକୁ ନେଇ ଏବେ ବିବାଦ ଦେଖାଦେଇଛି। ବସ୍‌ଷ୍ଟାଣ୍ଡର ନାମକରଣ ବାରଙ୍ଗ ବସଷ୍ଟାଣ୍ଡ(ତ୍ରିଶୂଳିଆ) କଟକ ରଖାଯାଇଥିବା ବେଳେ ଏହାକୁ ବିରୋଧ କରିଛନ୍ତି କୁହ୍ନେଇପଡା ଗ୍ରାମବାସୀ। କୁହ୍ନେଇପଡା ଗ୍ରାମବାସୀଙ୍କ କହିବା ଅନୁଯାୟୀ, କୁହ୍ନେଇପଡା ଏକ ରାଜସ୍ୱ ଗ୍ରାମ ହୋଇଥିବାବେଳେ ତ୍ରିଶୂଳିଆ ଏହି ପଞ୍ଚାୟତ ଅଧୀନରେ ରହିଛି। ଅଦ୍ୟାବଧି ତ୍ରିଶୂଳିଆ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ସରକାରୀସ୍ତରରେ ପ୍ରଦାନ କରାଯାଇ ନାହିଁ। କିନ୍ତୁ ତ୍ରିଶୂଳିଆ ଛକରେ ନବନିର୍ମିତ ହୋଇଥିବା ଓଏସ୍‌ଆର୍‌ଟିସି ବସ୍‌ଷ୍ଟାଣ୍ଡର ନାମକରଣରେ କୁହ୍ନେଇପଡା ନାମ କାହିଁ ରଖାଗଲା ନାହିଁ ବୋଲି ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି କୁହ୍ନେଇପଡା ଗ୍ରାମବାସୀ। ପ୍ରତାପଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ କୁହ୍ନେଇପଡା ଶୁନ୍ୟବାସୀ ମନ୍ଦିରରେ ଆୟୋଜିତ ଖବରଦାତା ସମ୍ମିଳନୀରେ

#### କୁହ୍ନେଇପଡ଼ା ନାମ ରଖିବାକୁ ଦାବି

୧୦୦ରୁ ଊର୍ଦ୍ଧ୍ୱ ଗ୍ରାମର ମୁରବୀ, ନାରୀନେତ୍ରୀ, ଯୁବନେତାମାନେ ଉପସ୍ଥିତ ରହି ପ୍ରଶାସନ ପକ୍ଷରୁ ଏକତରଫା ଭାବେ କରାଯାଇଥିବା ନାମକରଣ ନିଷ୍ପତ୍ତିକୁ ଘୋର ବିରୋଧ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କୁହ୍ନେଇପଡ଼ା ପଞ୍ଚାୟତ ୮ଟି ୱାର୍ଡକୁ ନେଇ ଗଠିତ ହୋଇଥିବା ବେଳେ ସେଥିମଧ୍ୟରେ ତ୍ରିଶୂଳିଆ ଏହି ପଞ୍ଚାୟତର ଏକ ଅଂଶବିଶେଷ। ଅଦ୍ୟାବଧି ତ୍ରିଶୂଳିଆ ଗ୍ରାମକୁ ରାଜସ୍ୱ ଗ୍ରାମ ଭାବେ ଘୋଷଣା କରାଯାଇ ନାହିଁ। କିନ୍ତୁ କୁହ୍ନେଇପଡା ଏକ ରାଜସ୍ୱ ଗ୍ରାମ ହୋଇଥିବାରୁ ତ୍ରିଶୂଳିଆ ଛକରେ ନବନିର୍ମିତ ବସଷ୍ଟାଣ୍ଡର ନାମକରଣରେ ରାଜସ୍ୱ ଗ୍ରାମର ନାମକୁ ସ୍ଥାନ ଦେବା ପରିବର୍ତ୍ତେ ତ୍ରିଶୂଳିଆ ଗ୍ରାମ ନାମକୁ ସ୍ଥାନ ଦିଆଯାଇଛି। ଏ ବିଷୟରେ ଗ୍ରାମବାସୀଙ୍କ ପକ୍ଷରୁ ଜିଲାପାଳଙ୍କଠାରୁ ଆରମ୍ଭ କରି ରାଜସ୍ୱ ବିଭାଗ, ପରିବହନ ବିଭାଗ ଅଧିକାରୀମାନଙ୍କୁ ଗତ ୧୯ତାରିଖରେ ଲିଖିତଭାବେ ଅବଗତ କରାଯାଇଥିଲା। ଆସନ୍ତା ୧୦ତାରିଖ ସୁଦ୍ଧା କରାଯାଇଥିବା ଅଭିଯୋଗ ଉପରେ ଗୁରୁତ୍ୱ ନ ଦିଆଯାଇ ନାମଫଳକରେ ଆମ ରାଜସ୍ୱ ଗ୍ରାମର ନାମ କୁହ୍ନେଇପଡା ରଖା ନଯାଏ, ତେବେ ବାଧହୋଇ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବୁ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ। ଏହି ଖବରଦାତା ସମ୍ମିଳନୀରେ କୁହ୍ନେଇପଡା ସମିତିସଭ୍ୟା ପ୍ରାଚିନାଦାସ, ଝରିନ୍ଦ୍ର ଦାସ, ରୋହିତ ଦାସ, ନରହରି ସାମଲ, ପ୍ରମୋଦ କୁମାର ବେହେରା, ଚଗଲା ସାମଲ, ଧୀରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଜଟିଳ ରୋଗ ଚିକିତ୍ସାରେ ଆଇଆର୍ ଗୁରୁତ୍ୱ ବହନ କରେ

ଭୁବନେଶ୍ୱର, ୧।୮ (ଅସମାପିକା ସାହୁ)

#### ଏମ୍ସରେ ଦୁଇଦିନିଆ ସମ୍ମିଳନୀ

ଏମ୍ସ ଭୁବନେଶ୍ୱର ରେଡିଓ ଡାଇଗ୍ନୋସିସ୍ ବିଭାଗ ପକ୍ଷରୁ ରାଜ୍ୟରେ ପ୍ରଥମ ଇଣ୍ଟରଭେନ୍ସନାଲ ରେଡିଓଲୋଜି(ଆଇଆର୍) ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇ ଦିନିଆ ସମ୍ମିଳନୀରେ ଆଇଆର୍‌ର ବ୍ୟାପକ ବ୍ୟବହାର ତଥା ଏହାର କାର୍ଯ୍ୟକାରିତା ଉପରେ ମାନସମନ୍ଥନ ହୋଇଥିଲା। ଏହି ଜ୍ଞାନକୌଶଳର ସଫଳ ଉପଯୋଗ କରି ରୋଗୀ ସେବାକୁ ସୁଗମ ଏବଂ ସରଳ କରିବା ନିମନ୍ତେ ବିଶେଷଜ୍ଞମାନେ ମତବ୍ୟକ୍ତ କରିଥିଲେ। ଏହି ସମ୍ମିଳନୀରେ ବିଭିନ୍ନ ଯକୃତ କର୍କଟର ଚିକିତ୍ସା, ଯକୃତ ସିରୋସିସ୍ ଚିକିତ୍ସା, ଭେରିକୋଜ୍ ଭେନ୍, ଶିରା ଓ ଧମନୀଜନିତ ବିଭିନ୍ନ ଜଟିଳ ରୋଗର ଚିକିତ୍ସା ପାଇଁ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ଉପରେ ଗୁରୁତ୍ୱ ଦିଆଯାଇଥିଲା। ହାର୍ଭାର୍ଡ ମେଡିକାଲ୍ ସ୍କୁଲର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବ୍ୟକ୍ତିତ୍ୱ ଡା. ସଞ୍ଜୀବ କଲ୍‌ଭାଙ୍କ ସହ ଜାତୀୟସ୍ତରରେ ସୁପରିଚିତ ଡା. ଅଜିତ ଯାଦବ, ଡା. ରୋଚନ୍ ପନ୍ଥ ପ୍ରମୁଖ ବିଭିନ୍ନ ଜଟିଳ ରୋଗର ଚିକିତ୍ସାରେ ଆଇଆର୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ବିଶେଷ ଆଲୋଚନା କରିଥିଲେ। ଏହି ସମ୍ମିଳନୀକୁ ଉଦ୍‌ଘାଟନ କରି ରାଜ୍ୟ ଡିଏମ୍‌ଇଟି ଡା. ସଚ୍ଚିଦାନନ୍ଦ ମହାନ୍ତି ରାଜ୍ୟର ସରକାରୀ ମେଡିକାଲ୍ କଲେଜଗୁଡ଼ିକରେ ଆଇଆର୍‌ର ବ୍ୟବହାରକୁ ବ୍ୟାପକ କରିବା ଉପରେ ମତ ରଖିଥିଲେ। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ସମସ୍ତ ପ୍ରତିନିଧିଙ୍କୁ ସ୍ୱାଗତ କରିବା ସହିତ ଏଭଳି ଏକ ଅଭିନବ ସମ୍ମିଳନୀ ପାଇଁ ଆୟୋଜକଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଏମ୍ସ ଭୁବନେଶ୍ୱର ଡିନ୍ ଡା. ପି. ଆର୍. ମହାପାତ୍ରଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

# ଶିଶୁ ସ୍ତନ୍ୟପାନ କ୍ଷେତ୍ରରେ ଓଡ଼ିଶା ପ୍ରଥମ


ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ସ୍ୱାସ୍ଥ୍ୟ ବିଭାଗ ସଚିବ ଶାଳିନୀ ପଣ୍ଡିତ ଓ ଅନ୍ୟମାନେ।

ଭୁବନେଶ୍ୱର,୧।୮ (ଅଭିଜିତ ଦାସ)

#### ବିଶ୍ୱ ସ୍ତନ୍ୟପାନ ସପ୍ତାହ ଆରମ୍ଭ

ସ୍ତନ୍ୟପାନ ଜରିଆରେ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆଣିବା ଲକ୍ଷ୍ୟରେ ଅଗଷ୍ଟ ୧ରୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ହେଉଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ମଙ୍ଗଳବାର ବିଭାଗର ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗୀୟ ସଚିବ ଶାଳିନୀ ପଣ୍ଡିତ ଶିଶୁଙ୍କ ପାଇଁ ସ୍ତନ୍ୟପାନର ଗୁରୁତ୍ୱ ସମ୍ପର୍କରେ କହିଥିଲେ। ପରିବାର କଲ୍ୟାଣର ନିର୍ଦ୍ଦେଶକ ଡାକ୍ତର ବିଜୟ ପାଣିଗ୍ରାହୀ କହିଛନ୍ତି, ସାଧାରଣତଃ ସହରାଞ୍ଚଳରେ ସ୍ତନ୍ୟପାନରେ ଅଧିକ ବ୍ୟତିକ୍ରମ ଦେଖାଯାଉଛି। ବିଶେଷକରି କର୍ମଜୀବୀ ମହିଳାମାନେ ଶିଶୁଙ୍କୁ ଠିକ୍ ଭାବରେ ସ୍ତନ୍ୟପାନ କରାଇ ପାରି ନ ଥାନ୍ତି। ଏହା ଶିଶୁ ଓ ମା'ଙ୍କ ମଧ୍ୟରେ ଦୂରତ୍ୱ ବଢ଼ାଇବା ସହ ଶିଶୁ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଉଛି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍‌ଏଫ୍‌ଏଚ୍‌ଏସ୍) ଅନୁଯାୟୀ, ଓଡିଶାରେ ୬୮.୫ ପ୍ରତିଶତ ଶିଶୁ ଜନ୍ମର ୧ ଘଣ୍ଟା ମଧ୍ୟରେ ସ୍ତନ୍ୟପାନ କରୁଛନ୍ତି। ସେହିପରି ୭୨.୯ ପ୍ରତିଶତ ଶିଶୁ ୬ ମାସ ପର୍ଯ୍ୟନ୍ତ ଓ ୬୭.୫ ପ୍ରତିଶତ ଶିଶୁ ୬ ମାସ ପରେ ସ୍ତନ୍ୟପାନ କରୁଛନ୍ତି। ତେବେ ସ୍ତନ୍ୟପାନକୁ ପ୍ରୋତ୍ସାହିତ କରିବା ଲାଗି ବିଭାଗ ପକ୍ଷରୁ ୩୬୨୩ ଡାକ୍ତର, ୧୪୦ ଜଣ ପରାମର୍ଶଦାତା, ୩୦୯୧ ଷ୍ଟାଫ୍ ନର୍ସ, ୮୩୧୨ଜଣ ସ୍ୱାସ୍ଥ୍ୟକର୍ମୀ ଓ ୩୪୯୮୪ଜଣ ଆଶାକର୍ମୀଙ୍କୁ ତାଲିମ ଦିଆଯାଇଛି। ସେହିପରି ପ୍ରତ୍ୟେକ ଜିଲାରେ ନବଜାତ ଶିଶୁଙ୍କ ଖାଦ୍ୟାଭ୍ୟାସ କେନ୍ଦ୍ର ଖୋଲାଯିବା ସହ ୧୮ ଜିଲାରେ ୧୨ ଶଯ୍ୟା ବିଶିଷ୍ଟ ସ୍ତନ୍ୟପାନ ପରିଚାଳନା କେନ୍ଦ୍ର ପ୍ରତିଷ୍ଠା କରାଯିବ। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର କହିଛନ୍ତି, ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ରିପୋର୍ଟ ୫ ଅନୁଯାୟୀ, ସ୍ତନ୍ୟପାନ କ୍ଷେତ୍ରରେ ଓଡିଶା ଦେଶର ପ୍ରଥମ ରାଜ୍ୟ। ଜିଲାସ୍ତରରେ ଶିଶୁ ବନ୍ଧୁ ଚିକିତ୍ସାଳୟ କାର୍ଯ୍ୟକ୍ରମ ଜରିଆରେ ୧୦ ଜିଲାର ସଦର ମହକୁମା ଚିକିତ୍ସାଳୟକୁ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମରେ ନ୍ୟାଶନାଲ ହେଲ୍‌ଥ ମିଶନର ନିର୍ଦ୍ଦେଶକ ଡାକ୍ତର ବୃନ୍ଦା ଡି. ଓ ଅନ୍ୟମାନେ ଯୋଗଦେଇଥିଲେ।

### ସ୍ତ୍ରୀଙ୍କୁ ଫିନାଇଲ ପିଆଇ ହତ୍ୟା ଉଦ୍ୟମ: ନୟାଗଡ଼ରୁ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧।୮ (ସତ୍ୟଜିତ୍ ରାଉତ)

ସ୍ତ୍ରୀଙ୍କୁ ଫିନାଇଲ ପିଆଇ ହତ୍ୟା ଉଦ୍ୟମ କରିବା ମାମଲାରେ ଭୁବନେଶ୍ୱର ମହିଳା ଥାନା ପୋଲିସ ମଙ୍ଗଳବାର ଅଭିଯୁକ୍ତଙ୍କୁ ନୟାଗଡ଼ରୁ ଗିରଫ କରିଛି। ଅଭିଯୁକ୍ତ ହେଲେ ନୟାଗଡ଼ ଜିଲା ଫତେଗଡ଼ ଥାନା ଅଞ୍ଚଳର ମାନସ କୁମାର ବେହେରା (୩୦)। ମାନସ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ମାନସ ତାଙ୍କ ସ୍ତ୍ରୀଙ୍କ ସହ ପୁରୁଣା ଭୁବନେଶ୍ୱରସ୍ଥିତ ହାଟସାହିରେ ରହୁନ୍ତି। ସେମାନଙ୍କ ଏକ ୬ ବର୍ଷର ଝିଅ ରହିଛି। ତେବେ କିଛି ମାସ ହେଲା ମାନସ ତାଙ୍କ ସ୍ତ୍ରୀଙ୍କୁ ଗାଳିଗୁଲଜ ଦେଇ ଝଗଡ଼ା କରିଥିଲେ। ଏପରିକି ସ୍ତ୍ରୀଙ୍କୁ ଛାଡ଼ିଦେବାକୁ ମାନସଙ୍କ ଘର ଲୋକ ବାଧ କରୁଥିଲେ। ଜୁନ ୧୮ରେ ମାନସ ସେଠାରୁ ଚାଲିଯାଇ ସମ୍ପର୍କୀୟଙ୍କ ଘରେ ରହୁଥିଲେ। ଜୁନ ୨୯ର ପୀଡ଼ିତା ଘରେ ଏକା ଥିବା ସମୟରେ ମାନସ ଘରକୁ ଆସିଥିଲେ। ଏପରିକି ସେ ଅନ୍ୟତ୍ର ବିବାହ କରିବା ନେଇ ପିଡ଼ୀତାଙ୍କୁ ଧମକ ଦେଇଥିଲେ। ଏହି ସମୟରେ ମାନସ ତାଙ୍କ ସ୍ତ୍ରୀଙ୍କୁ ବଳପୂର୍ବକ ଫିନାଇଲ୍ ପିଆଇ ଦେଇଥିଲେ। ଫଳରେ ପୀଡ଼ିତା ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏନେଇ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୧୦୬/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ବସରୁ ଡିଜେଲ ଚୋରି, ଅଟୋ ଚାଳକ ଗିରଫ

ଭୁବନେଶ୍ୱର,୧।୮ (ସୂର୍ଯ୍ୟକାନ୍ତ ବେହେରା)

ବରମୁଣ୍ଡା ଷ୍ଟାଣ୍ଡ ପରିସରରେ ଥିବା ଏକ ଘରୋଇ ବସରୁ ଡିଜେଲ ଓ ବ୍ୟାଟେରି ଚୋରି ଅଭିଯୋଗରେ ଜଣେ ଅଟୋ ଚାଳକଙ୍କୁ ଭରତପୁର ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଖଣ୍ଡଗିରିରେ ରହୁଥିବା ଗଞ୍ଜାମର ପଞ୍ଚାନନ ସାହୁ। ତାଙ୍କ ହେପାଜତରୁ ୧୦ ଲିଟର ଡିଜେଲ ଜବତ ହୋଇଛି।

# ୩ରୁ ଅନ୍ତର୍ଜାତୀୟ ସାହିତ୍ୟ ମହୋତ୍ସବ 'ଉନ୍ମେଷ'




ଭୁବନେଶ୍ୱର,୧।୮ (ଶର୍ମିଷ୍ଠା ପାଣିଗ୍ରାହୀ)

#### ୭୫ଟି କାର୍ଯ୍ୟକ୍ରମରେ ଯୋଗଦେବେ ୧୦୦ଟି ଭାଷାର ୫୭୫ ଲେଖକ

ଆସନ୍ତା ୩ରୁ ୬ ତାରିଖ ପର୍ଯ୍ୟନ୍ତ ମଧ୍ୟପ୍ରଦେଶର ଭୋପାଳରେ ଅନୁଷ୍ଠିତ ହେବ ଏସିଆର ସର୍ବବୃହତ୍ ଅନ୍ତର୍ଜାତୀୟ ସାହିତ୍ୟ ମହୋତ୍ସବ 'ଉନ୍ମେଷ'। ଏନେଇ ସେଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସାହିତ୍ୟ ଏକାଡେମୀ ସଚିବ କେ. ଶ୍ରୀନିବାସରାଓ କହିଛନ୍ତି, ଏହି ଉତ୍ସବର ପ୍ରତ୍ୟେକ ସଂସ୍କରଣରେ ନୂତନ ବିଷୟ ଏବଂ ନୂଆ ଲେଖକଙ୍କୁ ଆଲୋଚନାରେ ଅଂଶଗ୍ରହଣ କରିବାର ସୁଯୋଗ ଦିଆଯାଉଛି। ଏହି ସାହିତ୍ୟ ମହୋତ୍ସବ ସହିତ ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା 'ଉତ୍କର୍ଷ' ଶୀର୍ଷକ ଜାତୀୟ ଲୋକ ଏବଂ ଆଦିବାସୀ ପ୍ରଦର୍ଶନ କଳା ମହୋତ୍ସବ ମଧ୍ୟ ଅନୁଷ୍ଠିତ ହେବ। ଉଭୟ କାର୍ଯ୍ୟକ୍ରମକୁ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ଘାଟନ କରିବେ। ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ କେନ୍ଦ୍ର ସାହିତ୍ୟ ଏକାଡେମୀ, ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଏବଂ ମଧ୍ୟପ୍ରଦେଶ ସରକାର ମିଳିତ ଭାବେ ଏହି ଉତ୍ସବ ଆୟୋଜନ କରୁଛନ୍ତି। ଏଥିରେ ୭୫ଟି ଅଧିବେଶନରେ ୧୦୦ଟି ଭାଷାର ୫୭୫ରୁ ଅଧିକ ଲେଖକ ଲେଖିକା ଅଂଶଗ୍ରହଣ କରିବେ। ଭାରତ ବ୍ୟତୀତ ଅନ୍ୟ ୧୩ଟି ଦେଶର ଲେଖକମାନେ ଯୋଗଦେବେ। ବହୁଭାଷୀ କବିତା ଏବଂ ଗଳ୍ପ ପାଠ ସହିତ ଡାକ୍ତରଙ୍କ ସାହିତ୍ୟ, ସମୁଦ୍ର ସାହିତ୍ୟ, ଯନ୍ତ୍ରର ଉତ୍ଥାନ – ଲେଖକହୀନ ସାହିତ୍ୟ, ସୃଜନଶୀଳତା ବୃଦ୍ଧି କରୁଥିବା ଶିକ୍ଷା, ଅନୁବାଦ, ଯୋଗ ସାହିତ୍ୟ, ସାହିତ୍ୟ ଏବଂ ପ୍ରକୃତି, ଇ–ସାହିତ୍ୟ ଇତ୍ୟାଦି ବିଷୟରେ ଆଲେଚନାଚକ୍ର ଅନୁଷ୍ଠିତ ହେବ। ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ଗଞ୍ଜାମ ବିକାଶ ମଞ୍ଚର ପ୍ରଥମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୧।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ରାଜଧାନୀରେ ଏକାଠି ହେଲେ ଗଞ୍ଜାମ ବାସିନ୍ଦା। ଗଞ୍ଜାମର ସାହିତ୍ୟ, ସଂସ୍କୃତି, କଳାକୁ ଲୋକ ଲୋଚନରେ ପହଞ୍ଚାଇବା ପାଇଁ ଆରମ୍ଭ ହୋଇଛି ଉଦ୍ୟମ। ସୂଚନା ଭବନଠାରେ ସୋମବାର ଗଞ୍ଜାମ ବିକାଶ ମଞ୍ଚର ପ୍ରଥମ ପ୍ରତିଷ୍ଠା ଦିବସ ଉତ୍ସବରେ ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି। ପରିଚାଳନା କମିଟିସଭାପତି କେଶବ ରାଓଙ୍କ ପୌରାହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ବିଶେଷଜ୍ଞ ସୁମିତ୍ରା ପଟ୍ଟନାୟକ, ମୁଖ୍ୟ ବକ୍ତା ବିଶିଷ୍ଟ ସାହିତ୍ୟିକ, ସୁଲେଖକ ଶାନ୍ତନୁ ରଥ, ସମ୍ମାନିତ ଅତିଥି ଭାବେ ସୂଚନା କମିଶନର ତଥା ସାମ୍ବାଦିକ ଦିଲ୍ଲୀପ ବିଶୋଇ, ଅଭିନେତା ସବ୍ୟସାଚି ମିଶ୍ର ଓ ଅର୍ଦ୍ଧେନ୍ଦୁ ସାହୁ ଯୋଗ ଦେଇ ଗଞ୍ଜାମ ଜିଲାର ପାଣି ପବନ ଉପରେ ବକ୍ତବ୍ୟ ରଖିଥିଲେ। ପରେ ଋଷିକୂଲ୍ୟା ନାମକ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମକୁ ମଞ୍ଚ ସମ୍ପାଦକ ବରୁଣ ପାଢ଼ୀ, ସଭାପତି ରାମକୃଷ୍ଣ ପାଢ଼ୀ, ଉପ ସଭାପତି ଜଗଦୀଶ ବିଶୋଇ ପ୍ରମୁଖ ଯୋଗଦେଇଥିଲେ।

# ଇକ୍‌ତ ବୁଣାକାରଙ୍କ ସହ କାମ କରୁଛନ୍ତି ଏନ୍‌ଆଇଏଫ୍‌ଟିର ଛାତ୍ରୀଛାତ୍ର

ଭୁବନେଶ୍ୱର,୧।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ହସ୍ତତନ୍ତର ପ୍ରଚାରପ୍ରସାର ପାଇଁ ନ୍ୟାଶନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଫେଶନ୍ ଟେକ୍ନୋଲୋଜି (ଏନ୍‌ଆଇଏଫ୍‌ଟି)ର ଛାତ୍ରୀଛାତ୍ରମାନେ ଭାରତର ୭୫ଟି କ୍ଲଷ୍ଟରର ବୁଣାକାରଙ୍କ ସହ ମିଶି କାମ କରୁଛନ୍ତି। ଓଡ଼ିଶାର କୁଶଳୀ କାରିଗରଙ୍କ ସହ ମିଶି ଉଜ୍ଜ୍ୱଳ ସୂତା ସେଟ୍ କରିବା, ଜଟିଳ ଡିଜାଇନ୍ ବାନ୍ଧିବା ଏବଂ ରଙ୍ଗ କରିବାର କଳାତ୍ମକ ଅନୁଭୂତି ଛାତ୍ରୀଛାତ୍ର ହାସଲ କରିଥିଲେ। ଛାତ୍ରୀଛାତ୍ରମାନେ ମାଣିଆବନ୍ଧର ଇକତ୍ କ୍ଲଷ୍ଟରରେ ସ୍ଥାନୀୟ କାରିଗରଙ୍କ ସହ ଯୋଗାଯୋଗ କରିଥିଲେ। ସେମାନଙ୍କ ନୂତନ ଦୃଷ୍ଟିକୋଣ ଏବଂ ଅଭିନବ ଡିଜାଇନ ଚିନ୍ତାଧାରା କଳାରେ ନୂତନ ଜୀବନ ଦେବ ବୋଲି ମାଣିଆବନ୍ଧର ବୁଣାକାର ବିକାଶ ମହାପାତ୍ର କହିଛନ୍ତି। ସେହିପରି ସରକାରୀ ସହାୟତାରେ ଏହି କୁଶଳୀ କାରିଗରଙ୍କ ଜୀବିକାକୁ ସୁରକ୍ଷିତ କରିବା, ଏହି ପ୍ରୟାସ ଜାରି ରହିବ ବୋଲି କେନ୍ଦ୍ର ବୟନ ଶିଳ୍ପ ରାଷ୍ଟ୍ର ମନ୍ତ୍ରୀ ଦର୍ଶନା ଭି. ଜାର୍ଦୋସ୍ କହିଛନ୍ତି।

# ଅଣଦେଖାରୁ ବଢୁଛି ହୃଦ୍‌ଘାତ ମୃତ୍ୟୁ

ଭୁବନେଶ୍ୱର, ୧।୮ (ଅସମାପିକା ସାହୁ)




#### ସିପିଆର୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କିଟ୍‌ରେ କାର୍ଡିଓପଲ୍‌ମୋନାରୀ ରେସସିଟେଶନ୍ (ସିପିଆର୍) ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ହୃଦ୍‌ରୋଗ ଯୋଗୁ ବିଶ୍ୱରେ ଲକ୍ଷାଧିକ ଲୋକଙ୍କ ମୃତ୍ୟୁ ଘଟୁଛି। ବିଶେଷକରି ହୃଦ୍‌ଜନିତ ସମସ୍ୟାକୁ ଅଣଦେଖା କରିବା ଦ୍ୱାରା ହଠାତ୍ ହୃଦ୍‌ସ୍ପନ୍ଦନ ବନ୍ଦ ହୋଇଯିବା କିମ୍ବା କାର୍ଡିଆକ୍ ଆରେଷ୍ଟ(ହାର୍ଟ ଆଟାକ୍/ହୃଦ୍‌ଘାତ) ହୋଇଥାଏ। ଭାରତୀୟମାନେ ଉଚ୍ଚ ରକ୍ତଚାପ, ଅଧିକ ଚର୍ବିଯୁକ୍ତ ଅସ୍ୱାସ୍ଥ୍ୟକର ଖାଦ୍ୟ ଏବଂ ସର୍କରା, ବ୍ୟାୟାମର ଅଭାବ, ତମ୍ବାଖୁ ବ୍ୟବହାର, ଚାପ ଏବଂ ବଂଶଗତ ସମସ୍ୟା ଯୋଗୁ ହୃଦ୍‌ରୋଗର ଶିକାର ହୋଇଥାନ୍ତି। କାର୍ଡିଆକ୍ ଆରେଷ୍ଟର ଶିକାର ହେଉଥିବା ୯୦% ଲୋକ ତୁରନ୍ତ ଆପଦକାଳୀନ ସହାୟତା ପାଉ ନ ଥିବାରୁ ଅର୍ଥାତ୍ ନିକଟରେ ଥିବା ବ୍ୟକ୍ତି ସିପିଆର୍ ସହାୟତା ଯୋଗାଇ ଦେଇପାରୁ ନ ଥିବାରୁ ହସ୍ପିଟାଲ୍‌ରେ ପହଞ୍ଚିବା ପୂର୍ବରୁ ମୃତ୍ୟୁ ଘଟୁଛି ବୋଲି ମତପ୍ରକାଶ ପାଇଛି। କିଟ୍ ସହଯୋଗରେ ଜଗନ୍ନାଥ ସର୍ଭିସ୍ ଫାଉଣ୍ଡେଶନ୍ ଓ ସତ୍ୟସାଇ ସେବା ସଙ୍ଗଠନ ଦ୍ୱାରା ଅନୁଷ୍ଠିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉଦ୍‌ଘାଟନ କରି କହିଲେ, ପ୍ରକୃତିରେ ସବୁ ପ୍ରକାର ରୋଗର ନିରାକରଣ ରହିଛି। କିନ୍ତୁ ବର୍ତ୍ତମାନ ସମୟରେ ଆମେ ପ୍ରକୃତିର ସୁରକ୍ଷା ପରିବର୍ତ୍ତେ ପ୍ରକୃତିର କ୍ଷତି କରିଚାଲିଛେ। ସେଥିପ୍ରତି ସଜାଗ ରହିବା ଉଚିତ ବୋଲି ରାଜ୍ୟପାଳ କହିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଆୟକର ବିଭାଗ ମୁଖ୍ୟ କମିଶନର କ୍ରୀଷ୍ଣ କିଶୋର ଜଷ୍ଟି, ସତ୍ୟ ସାଇ ଟ୍ରଷ୍ଟର ଆବାହକ ଅକ୍ଷୟ ପାଣି, ବିଶିଷ୍ଟ ରେସସିଟେଶନ୍ ବିଶେଷଜ୍ଞ ତଥା ଓଡ଼ିଶା ସରକାରଙ୍କ ସିପିଆର୍ ପରାମର୍ଶଦାତା ଡା. ଭେମୁରି ଏସ୍. ମୂର୍ତ୍ତି, କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସାମ୍ପ୍ରତିକ ସମୟରେ ହୃଦ୍‌ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ସାଧାରଣ ନାଗରିକ ସେମାନଙ୍କୁ ତତ୍କ୍ଷଣାତ୍ କିଭଳି ସାହାଯ୍ୟ କରିପାରିବେ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପ୍ରଥମ ଦିନରେ ବିଭିନ୍ନ ପର୍ଯ୍ୟାୟରେ ମୋଟ ୧୫ଶହ ଜଣଙ୍କୁ ତାଲିମ ପ୍ରଦାନ କରାଯାଇଥିବାବେଳେ ପର୍ଯ୍ୟାୟ କ୍ରମେ ଦେଢ଼ମାସ ମଧ୍ୟରେ କିଟ୍ ଓ କିସ୍‌ର ଛାତ୍ରୀଛାତ୍ର ଓ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯିବ। କିସ୍‌ରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ଏହି ପ୍ରଶିକ୍ଷଣ ବିଶେଷ ସହାୟକ ହେବା ସହ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ରହୁଥିବା ଜନଜାତି ସମ୍ପ୍ରଦାୟର ସ୍ୱାସ୍ଥ୍ୟ ସ୍ଥିତିରେ ଉନ୍ନତି ଆଣିବାରେ ସହାୟକ ହେବ ବୋଲି କୁହାଯାଇଛି।

# ତାରକା ହୋଟେଲ ଢାଞ୍ଚାରେ ଆହାର କେନ୍ଦ୍ର

କଟକ,୧।୮ (ସୁପ୍ରିୟା ପ୍ରିୟଦର୍ଶିନୀ)

ରାଜ୍ୟର ପ୍ରଥମ ଅତ୍ୟାଧୁନିକ ଆହାର କେନ୍ଦ୍ର ଭାବରେ କଟକ ନେତାଜୀ ବସ୍ ଟର୍ମିନାଲ (ସିଏନ୍‌ବିଟି)ରେ ଖୋଲିବାକୁ ଯାଉଛି ଏକ ଆହାରକେନ୍ଦ୍ର। ଏଠାରେ ତାରକା ହୋଟେଲ ପରି ସୁବିଧା ମିଳିବ। ଯାତ୍ରୀମାନେ ଏଠାକାର ଦାମୀ ଚୌକିରେ ବସି ଟେବୁଲରେ ଖାଦ୍ୟ ଖାଇପାରିବେ। ସମ୍ପୂର୍ଣ୍ଣ ପରିସରକୁ ପ୍ରାକୃତିକ ଓ ଗ୍ରାମାଞ୍ଚଳର ଢାଞ୍ଚାରେ ପ୍ରସ୍ତୁତ କରାଯାଇଛି। ଶୀତତାପ ନିୟନ୍ତ୍ରିତ ଏକ ବୃହତ୍ କୋଠରିରେ ଏକାସାଙ୍ଗରେ ୧୫୦ରୁ ୨୦୦ ଲୋକ ବସି ଖାଇବା ପାଇଁ ବ୍ୟବସ୍ଥା କରାଯାଇଛି। କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ୫ କୋଟି ଟଙ୍କା ବ୍ୟୟରେ ଏହାର ସୌନ୍ଦର୍ଯ୍ୟକରଣ କରାଯାଇଛି।

ସହରର ବାଦାମବାଡି, ଏସ୍‌ସିବି ମେଡିକାଲ, ସିଟି ହସ୍ପିଟାଲ, ଶିଶୁଭବନ ଓ ଜଗତପୁରରେ ଥିବା ଆହାର କେନ୍ଦ୍ର ତିଣି ଆଜବେଷ୍ଟସ ଘରେ ଚାଲୁଛି। ହେଲେ ସିଏନ୍‌ବିଟିରେ ତିଆରି ହୋଇଥିବା ଆହାର କେନ୍ଦ୍ରକୁ ପାଞ୍ଚତାରକା ହୋଟେଲ ପରି ସୌନ୍ଦର୍ଯ୍ୟକରଣ କରାଯାଇଛି।


ସିଏନ୍‌ବିଟିରେ ଖୋଲିବାକୁ ଥିବା ଅତ୍ୟାଧୁନିକ ଆହାର କେନ୍ଦ୍ର।

ମନୋରଞ୍ଜନ ପାଇଁ ବଡ଼ ଏଲଇଡି ଡିସ୍ପ୍ଲେ ଲଗାଯାଇଛି। ଏଠାକାର ମୁଖ୍ୟ ଆକର୍ଷଣ ହେଉଛି ସିଲିଂରେ ଲାଗିଥିବା ଲାଇଟ। ଆଲୋକୀକରଣ ସୌନ୍ଦର୍ଯ୍ୟକୁ ଦୁଇଗୁଣିତ କରିଛି। ସେହିପରି ସୌନ୍ଦର୍ଯ୍ୟକରଣ ପାଇଁ ବ୍ୟବହାର ହୋଇଥିବା ଗଛପତ୍ର ଅଧିକ ଆକର୍ଷିତ କରୁଛି। ତେବେ ଆହାର କେନ୍ଦ୍ରରେ ୫ ଟଙ୍କାରେ ଖାଦ୍ୟ ଦିଆଯିବା ପାଇଁ ସିଏମ୍‌ସି ପକ୍ଷରୁ ମା' ତାରିଣୀ ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ସଦସ୍ୟାଙ୍କୁ ଦାୟିତ୍ୱ ଦିଆଯାଇଛି। ଏସ୍‌ଏଚ୍‌ଜି ୬ ଜଣ ମହିଳା ଏଥିରେ ନିୟୋଜିତ ହେବେ। ସେମାନେ ଛୁଟିଦିନ ବ୍ୟତୀତ ଅନ୍ୟ ଦିନରେ ଖାଦ୍ୟ ପରିବେଷଣ କରିବେ। କେବଳ ସେତିକି ନୁହେଁ ଏହି ଆହାର କେନ୍ଦ୍ର ପରିସରରେ ମିଶନ ଶକ୍ତି ମହିଳାମାନଙ୍କ ଦ୍ୱାରା କାଫେ ବ୍ୟବସ୍ଥା କରାଯାଇଛି। କାଫେରେ ଚା' ଜଳଖିଆଠାରୁ ଆରମ୍ଭକରି ବିଭିନ୍ନ ପିଠା, କେକ୍ ଆଦି ବିକ୍ରିହେବ।

#### ■ ଖୁବ୍‌ଶୀଘ୍ର ହେବ ଉଦ୍‌ଘାଟନ
#### ■ ଆକର୍ଷିତ କରୁଛି ଗ୍ରୀନ୍‌ଥିମ

ସୂଚନାଥାଉ କି, ସିଏନ୍‌ବିଟି ଭିତର ନିର୍ମାଣ ଶେଷ ହୋଇଥିବାବେଳେ ବାହାର ରାସ୍ତା ପ୍ରସ୍ତୁତ କରାଯାଉଛି। ଖୁବ୍‌ଶୀଘ୍ର ସିଏନ୍‌ବିଟି ଉଦ୍‌ଘାଟନ ହେବ ବୋଲି ଜଣାପଡ଼ିଛି। ଏହାପରେ ବିଧିବଦ୍ଧ ଭାବେ ଆହାର କେନ୍ଦ୍ରରେ ଖାଦ୍ୟ ଯୋଗାଇ ଦିଆଯିବ। ଅପରପକ୍ଷରେ ବସ୍ ଚଳାଚଳ ପାଇଁ ମଲାଚଣ୍ଡିଆ ଛକରେ ଚକ୍ରାକୃତି ପଥ ପ୍ରସ୍ତୁତ ସହ ଆଲୋକୀକରଣ ବ୍ୟବସ୍ଥା, ରିଂରୋଡ୍‌ର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜାରି ରହିଛି।

## ବିଦ୍ୟୁତ୍ ଆଘାତରେ ବ୍ୟକ୍ତିଙ୍କ ମୃତ୍ୟୁ

ଚୌଦ୍ୱାର,(ଆଶୁତୋଷ ଦାସ): ବିଦ୍ୟୁତ୍ ଆଘାତରେ ଚୌଦ୍ୱାର ଥାନା ଅନ୍ତର୍ଗତ ମହିସାଲଣ୍ଡା ପଞ୍ଚାୟତ ବନ୍ତୋ ଗ୍ରାମର ପରମାନନ୍ଦ ପ୍ରଧାନ(୫୮)ଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ସକାଳେ ସେ ଗ୍ରାମପାଖ ଜମିକୁ ଚାଷ କରିବା ପାଇଁ ଯାଇଥିଲେ। ମଧ୍ୟାହ୍ନରେ ସେଠାରୁ ସେ ଘରକୁ ଫେରୁଥିବାବେଳେ ଚାଷଜମିରେ ଛିଣ୍ଡି ପଡ଼ିଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ଚିକିତ୍ସା ଲାଗି ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବିଦ୍ୟୁତ୍ ବିଭାଗର ଦାୟିତ୍ୱହୀନତା ଯୋଗୁ ପରମାନନ୍ଦଙ୍କ ମୃତ୍ୟୁ ଘଟିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିସହ ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ପାଇଁ ସେମାନେ ଦାବି କରିଛନ୍ତି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ବିଦ୍ୟୁତ୍ ବିଭାଗର କୌଣସି କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ବୃଦ୍ଧା ମୃତ

ଖୁଣ୍ଟୁଣୀ,୧।୮(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଧୀନ ନୂଆବଜାରଠାରେ ମଙ୍ଗଳବାର ଟ୍ରକ୍ ଧକ୍କାରେ ଜଣେ ଅଚିହ୍ନା ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ଜଣେ ମାନସିକ ବିକାରଗ୍ରସ୍ତ ବୃଦ୍ଧା ହୋଇଥିବାବେଳେ ପ୍ରାୟ ୫ବର୍ଷ ହେବ ଦୁର୍ଗା ବଜାରରେ ଥିବା ବିଭିନ୍ନ ଦୋକାନ ପିଣ୍ଡାରେ ଜୀବନ ବିତାଉଥିଲେ। ପୂର୍ବାହ୍ନରେ ସେ ରାସ୍ତାର ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଯାଉଥିବାବେଳେ ଢେଙ୍କାନାଳ ପଟୁ ଆସୁଥିବା ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ସେ ତଳେ ପଡିଯିବାରୁ ଟ୍ରକ ଚକ ତାଙ୍କ ଉପରେ ମାଡି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖୁଣ୍ଟୁଣୀ ଥାନାଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଡାକ୍ତରଖାନା ପଠାଇଥିଲେ। ଏ ନେଇ ଥାନାରେ ଏକ ମାମଲା(ନଂ.୧୪୭/୨୩) ରୁଜୁ ହୋଇଛି।

### ରେଭେନ୍ସା କଲିଜିଏଟ୍ ସ୍କୁଲର ପରିଚାଳନା କମିଟି ନିର୍ବାଚନ

କଟକ,୧।୮(ସୁପ୍ରିୟା ପ୍ରିୟଦର୍ଶିନୀ)

ରେଭେନ୍ସା କଲିଜିଏଟ୍ ସ୍କୁଲ ପରିଚାଳନା କମିଟିର ନିର୍ବାଚନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ଆଇନଜୀବୀ ବିଶ୍ୱଜିତ୍ ଲେଙ୍କା ଓ ଉପ ସଭାପତି ଭାବେ ମୋନାଲିସା ରଥ ନିର୍ବାଚିତ ହୋଇଛନ୍ତି। ନବ ନିର୍ବାଚିତ କର୍ମକର୍ତ୍ତା ପରିଚାଳନା କମିଟିର ସମସ୍ତ ସଭ୍ୟାସଭ୍ୟଙ୍କୁ କୃତଜ୍ଞତା ଜଣାଇଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ପ୍ରଗତି ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିକ୍ଷକ ନନ୍ଦନ ମହାନ୍ତି ଓ ବିଶ୍ୱନାଥ ମିଶ୍ର ନିର୍ବାଚନ ପ୍ରକ୍ରିୟାକୁ ପରିଚାଳନା କରିଥିଲେ।

### ଲୋକସେବାକୁ ପ୍ରାଧାନ୍ୟ ଦେବି: ତେଜାଲିନ୍

ଫୁଲନଖରା,୧।୮ (ସତ୍ୟରଞ୍ଜନ ଦାସମହାପାତ୍ର)

ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ(ଓସିଏସ୍)୨୦୨୧ ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି। ଏଥିରେ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ଭଇଁସର ଗ୍ରାମର ଗଜେନ୍ଦ୍ର ନାଥ ସେଠୀ ଓ ରେଣୁବାଳା ସେଠୀଙ୍କ କନ୍ୟା ତେଜାଲିନ ସେଠୀ ୬୭ ନମ୍ବର ର୍‍ୟାଙ୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ତେଜାଲିନ ଭୁବନେଶ୍ୱର ବରମୁଣ୍ଡାସ୍ଥିତ ବାୟୋକେମେଷ୍ଟ୍ରି କାର୍ଯ୍ୟାଳୟରେ



ସହକାରୀ କୃଷି ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି। ସେ ଭୁବନେଶ୍ୱର ଭୀମଟାଙ୍ଗୀ ସରସ୍ୱତୀ ବିଦ୍ୟାମନ୍ଦିରରେ ପାଠ ପଢି ସାରିବା ପରେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟରୁ କୃଷି ଓ ବୈଷୟିକ ବିଜ୍ଞାନରେ ସ୍ନାତକ ଏବଂ ଓୟୁଏଟିରେ ଫ୍ରୁଟ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିରେ ସ୍ନାତକୋତ୍ତର କରିଥିଲେ। ତାଙ୍କର ଏହି ସଫଳତା ପଛରେ ମାତାପିତାଙ୍କ ଆଶୀର୍ବାଦ ରହିଛି। ଏ ସମ୍ପର୍କରେ ସେ କହିଛନ୍ତି, ପ୍ରଗାଢ ଇଚ୍ଛାଶକ୍ତି ବଳରେ ଏହି କୃତିତ୍ୱ ମିଳିଛି। ସାଧାରଣ ଲୋକଙ୍କ ସେବାକୁ ପ୍ରାଧାନ୍ୟ ଦେବେ ବୋଲି ସେ କହିଥିଲେ।

## ସକାଳ ୯ଟାରେ ଜାତୀୟ ପତାକା ଉତ୍ତୋଳନ

### ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

କଟକ,୧।୮(କାର୍ତ୍ତିକ ସାହୁ)

କଟକ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ ବାରବାଟୀ ଷ୍ଟାଡିୟମଠାରେ ପାଳନ କରାଯିବ। ମୁଖ୍ୟ ଅତିଥି ସକାଳ ୯ଟାରେ ଜାତୀୟ ପତାକା ଉତ୍ତୋଳନ ପୂର୍ବକ ଅଭିବାଦନ ଗ୍ରହଣ କରି ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରିବେ। ଚଳିତବର୍ଷ ଓଏସ୍‌ଏପି, ସଶସ୍ତ୍ର ବାହିନୀ, ପୋଲିସ ବ୍ୟାଣ୍ଡ୍‌ପାର୍ଟି, ହୋମ୍‌ଗାର୍ଡ ଦଳଙ୍କ ଦ୍ୱାରା ରାଷ୍ଟ୍ରୀୟ ସଲାମୀ ଓ ମୁଖ୍ୟ ଅତିଥିଙ୍କୁ ଅଭିବାଦନ ପ୍ରଦାନ କରାଯିବ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକର ସମରଶିକ୍ଷାର୍ଥୀ ବାହିନୀ, ସ୍କାଉଟ, ଗାଇଡ୍ ଓ ସିଭିଲିଆନ ଦଳ ସମ୍ମିଳିତ ପରେଡରେ ଭାଗନେବେ। ଏଥିସହ ସମ୍ପୃକ୍ତ ଅନୁଷ୍ଠାନଗୁଡ଼ିକ ଆଲୋକମାଳାରେ ସେମାନଙ୍କ କାର୍ଯ୍ୟାଳୟ/ପ୍ରତିଷ୍ଠାନକୁ ସୁସଜ୍ଜିତ କରିପାରିବେ। ସ୍ୱାଧୀନତା ଦିବସ ଅବସରରେ ଜିଲାର ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦିତ କରିଥିବା ବ୍ୟକ୍ତି ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯିବ। ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକରେ ଏନେଇ ନିଷ୍ପତ୍ତି ନିଆଯାଇଥିବା ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ତଥା ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ପ୍ରେସ୍ ଇସ୍ତାହାରରେ ସୂଚନା ପ୍ରଦାନ କରିଛନ୍ତି।



ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ।

ପ୍ରତ୍ୟୁଷରୁ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ସହରରେ ରାମଧୂନ ପରିବେଷଣ କରାଯିବ। ବାରବାଟୀ ଦୁର୍ଗର ମୁଖ୍ୟ ପ୍ରବେଶ ଦ୍ୱାର, ସ୍ୱରାଜ ଆଶ୍ରମ, କର୍ମବୀର ଗୌରୀଶଙ୍କର ରାୟ ଟାଉନହଲ, ଶହୀଦ ଭବନ, କଲେକ୍ଟୋରେଟ ଅଫିସ, ମହାନଗର ନିଗମ କାର୍ଯ୍ୟାଳୟ, କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ, ପଢ଼ିଆରୀ ପାଠାଗାର ଓ ସୂଚନା କେନ୍ଦ୍ର ସମେତ ବିଭିନ୍ନ ପୁରାତନ ଶିକ୍ଷାନୁଷ୍ଠାନର ଆଲୋକୀକରଣ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ କରାଯିବ। ଏତଦ୍‌ବ୍ୟତୀତ ରେଭେନ୍ସା କଲେଜିଏଟ ସ୍କୁଲକୁ ଟିପିସିଓଡିଏଲ୍ ଦ୍ୱାରା ଆଲୋକମାଳାରେ ସଜ୍ଜିତ କରାଯିବ।

ପୂର୍ତ୍ତ ବିଭାଗ, କଟକ ମହାନଗର ନିଗମ ଓ ଏହାର ସ୍ୱାସ୍ଥ୍ୟ ଶାଖା, ଟିପିସିଓଡିଏଲ, ୱାଟ୍‌କୋ, ଜିଲା ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ ବିଭାଗ, କମିଶନରେଟ ପୋଲିସକୁ ନ୍ୟସ୍ତ ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଓଡ଼ିଶା ମୋ ପରିବାର, ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ମିଳିତ ସହଯୋଗରେ ରକ୍ତଦାନ ଶିବିର କରାଯିବା ନେଇ ନିରାମୟ ଯୋଜନାର ରାଜ୍ୟ ପରାମର୍ଶଦାତା ତଥା ଓଡ଼ିଶା ମୋ ପରିବାର, କଟକ ଶାଖା ସଂଯୋଜକ ଡ. ରଞ୍ଜନ ବିଶ୍ୱାଳ ବୈଠକରେ ସୂଚନା ଦେଇଛନ୍ତି।

ସ୍ୱାଧୀନତା ଦିବସ ଉପଲକ୍ଷେ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଦ୍ୱାରା ବିଭିନ୍ନ ହାଇସ୍କୁଲରେ ଜିଲାସ୍ତରୀୟ ବକ୍ତୃତା, ପ୍ରବନ୍ଧ ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଜିଲାସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସ୍ୱାଧୀନତା ଦିବସରେ ପୁରସ୍କୃତ କରାଯିବ। ଜାତୀୟ ସ୍ତରର ପ୍ରଚ୍ଛଦପଟ୍ଟ କଣ୍ଠଶିଳ୍ପୀ ତଥା କୋରିଓଗ୍ରାଫର ଟି. ସୌରିଙ୍କ ଅନୁଷ୍ଠାନ ବରଦାୟିନୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସହରର ପୂଜା କମିଟିଗୁଡ଼ିକୁ ସଂପୃକ୍ତ କରାଇବାର ଲକ୍ଷ୍ୟନେଇ ଏକ ସ୍ୱତନ୍ତ୍ର ବୈଠକ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅମ୍ବର କୁମାର କର ଓ ଅତିରିକ୍ତ ଜିଲାପାଳ ଶିବ ଟପୋ ସ୍ୱାଧୀନତା ଦିବସ ସମାରୋହକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର କୁମାର ସାହୁ, ସାଧାରଣ ସମ୍ପାଦକ ଭିକାରି ଦାସ, ୟୁନେସ୍କୋ ଓଡ଼ିଶା ଶାଖା ମହାସଚିବ ଡ. ଦ୍ୱୀପାୟନ ପଟ୍ଟନାୟକ, ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର, ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ସୁଧାଂଶୁ ଗିରି, ଡ. ସନ୍ତୋଷ କୁମାର ରାଉତ, ଡିଏଲ୍‌ସିସି ହରପ୍ରିୟା ନାୟକ, ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ନୟନ ରଞ୍ଜନ ପାଢ଼ୀ, ଜିଲା ଅଗ୍ନିଶମ ଅଧିକାରୀ ସଞ୍ଜିବ କୁମାର ବେହେରା, ଟିପିସିଓଡିଏଲ୍‌ର ସହକାରୀ ନିର୍ବାହୀ ଯନ୍ତ୍ରୀ ବାସୁଦେବ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଯନ୍ତ୍ରୀ ଓ ଅନେକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## 'ପୁସ୍ତକ ପଠନରେ ଶାଶ୍ୱତ ଆନନ୍ଦ ମିଳେ'

### ପୁସ୍ତକ ଉନ୍ମୋଚନ ଉତ୍ସବ

କଟକ,୧।୮ (କାର୍ତ୍ତିକ ସାହୁ)

ପୁସ୍ତକ ପଠନ ଅଭ୍ୟାସ ଏକ ମହତ ଗୁଣ। ଏହାଦ୍ୱାରା ଦିବ୍ୟ ଜ୍ଞାନ ଆହରଣ ହୋଇଥାଏ। ମଣିଷକୁ ଦିବ୍ୟ ପ୍ରେରଣା ମିଳେ। ପୁସ୍ତକ ପଠନରେ ଶାଶ୍ୱତ ଆନନ୍ଦ ମିଳେ ବୋଲି ମାନବାଧିକାର କମିଶନ ସଦସ୍ୟ ଅସୀମ ଅମିତାଭ କହିଛନ୍ତି। ଇଷ୍ଟ ଉଡ୍ ପବ୍ଲିକେଶନ ପ୍ରକାଶିତ ଇଂ. ସୁରୋଜ ଛାଟୋଇଙ୍କ ରଚିତ ଇଂରାଜୀ ପୁସ୍ତକ 'ଦି ମଙ୍କ ହୁ ରାଇଡ୍ସ ଏ ନିଞ୍ଜା' ସ୍ଥାନୀୟ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଉନ୍ମୋଚିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମାନବିକ ଅଧିକାର କମିଶନ ସଦସ୍ୟ ଅସୀମ ଅମିତାଭ ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ଡ. ବାବାଜୀ ଚରଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସିଏମ୍‌ସି ମେୟର ସୁବାସ ସିଂ ଓ ମୁଖ୍ୟବକ୍ତା ଭାବେ ମାଲଗୋଦାମ ପୂଜା କମିଟି ସଭାପତି ଧର୍ମାନନ୍ଦ ପାତ୍ର ଯୋଗଦେଇଥିଲେ। ସୁଧାଂଶୁ ଶେଖର ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସ୍ୱପ୍ନା ଫାଉଣ୍ଡେସନକୁ ରୁକ୍ମଣି ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ଲେଖକଙ୍କ ପିତା ତଥା ମାଲଗୋଦାମ ବଣିକ ସଂଘ ସମ୍ପାଦକ ପ୍ରଫୁଲ୍ଲ କୁମାର ଛାଟୋଇ ଏଥିରେ ଉପସ୍ଥିତ ଥିଲେ।




ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ଅହେତୁକ ମୂଲ୍ୟ ବୃଦ୍ଧି ଓ ମଣିପୁରରେ ଲାଗି ରହିଥିବା ହିଂସାତ୍ମକ କାର୍ଯ୍ୟକଳାପର ସମାଧାନ ଦାବିରେ ମଙ୍ଗଳବାର କଟକ କଲେଜ ଛକଠାରେ ସିପିଆଇ(ଏମ୍) ପକ୍ଷରୁ ଗଣଧାରଣା।

## ଗାର୍ମେଣ୍ଟସ୍‌ରୁ ନକଲି ବ୍ରାଣ୍ଡ୍‌ର ୪୮୦ ଗଞ୍ଜି ଜବତ

କଟକ,୧।୮(କାର୍ତ୍ତିକ ସାହୁ)

କଟକ ସହରରେ ନାମୀ କମ୍ପାନୀ ନାଁରେ ନକଲି ଗଞ୍ଜି ବିକ୍ରି ହେଉଛି। ଲୋକମାନେ ଏହାକୁ ଅସଲି ଦାମ୍‌ରେ କିଣି ଠକାମିର ଶିକାର ହେଉଛନ୍ତି। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ବାଦାମବାଡି ପୋଲିସ ପିଠାପୁର ରୋଡ୍ ଅଞ୍ଚଳରେ ଥିବା କେ.ସି. ଗାର୍ମେଣ୍ଟସ ଉପରେ ମଙ୍ଗଳବାର ଚଢାଉ କରି ୪୮୦ଟି ନକଲି ଗଞ୍ଜି ଜବତ କରିଛି। ଏନେଇ ସମ୍ପୃକ୍ତ ବ୍ୟବସାୟୀଙ୍କ ନାଁରେ ଥାନାରେ ଏକ ମାମଲା ରୁଜୁ ହୋଇଛି।

ମିଳିଥିବା ସୂଚନା ଅନୁସାରେ, ଉକ୍ତ ଗାର୍ମେଣ୍ଟସରେ ଅସଲି ଭଳି ଦେଖାଯାଉଥିବା ନକଲି ଅମୂଲ ମାଚୋ ବ୍ରାଣ୍ଡ୍‌ର ଗଞ୍ଜି ବିକ୍ରି ହେଉଥିବା ଜଣାପଡ଼ିଥିଲା। ଏ ବାବଦରେ ଜାଣିବା ପରେ କୋଲକାତାରେ ରହୁଥିବା କମ୍ପାନୀର ଶିବପ୍ରସାଦ ଦତ୍ତ ମଙ୍ଗଳବାର ବାଦାମବାଡ଼ି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ପୋଲିସ ଉକ୍ତ ଦୋକାନକୁ ଯାଇ ଯାଞ୍ଚ କରିବା ପରେ ଅଭିଯୋଗର ସତ୍ୟତା ଥିବା ଜଣାପଡ଼ିଥିଲା। ସେଠାରୁ ୪୮ଟି ପ୍ୟାକେଟ୍‌ରେ ଥିବା ୪୮୦ଟି ନକଲି ଗଞ୍ଜି ଜବତ କରାଯାଇଥିଲା। ଶେଖ୍‌ବଜାର ଅକ୍ଷୟ ମହାନ୍ତି ଗଳିର ମହମ୍ମଦ କମଲ୍ ଏହାକୁ ନକଲି ବୋଲି ସ୍ୱୀକାର କରିଥିବା ପୋଲିସ କହିଛି। ତେବେ ଏହି ଗଞ୍ଜିର ନମୁନା ପରୀକ୍ଷା ପାଇଁ ଲାବ୍‌କୁ ପଠାଯିବ। ଏବେ ଦୋକାନ ମାଲିକଙ୍କୁ ନୋଟିସ ଦେଇ ପୋଲିସ ଛାଡ଼ି ଦେଇଛି। ପରୀକ୍ଷା ରିପୋର୍ଟ ଆସିବା ପରେ ପଦକ୍ଷେପ ନିଆଯିବ ବୋଲି ଆଇଆଇସି ସୂର୍ଯ୍ୟାଂଶୁ ଶେଖର ପାଢ଼ୀ କହିଛନ୍ତି।

## ବେଆଇନ ଘାଟରୁ ବାଲି ଉଠାଣକୁ ସ୍ଥାନୀୟ ଲୋକଙ୍କ ବିରୋଧ

**କଟକ ସଦର,୧।୮(ସୁଶାନ୍ତ କୁମାର ଜେନା):** ୪୨ ମୌଜା ଥାନା ଅନ୍ତର୍ଗତ କାଠଯୋଡ଼ି ନଦୀର ଶ୍ରୀରାମ ବେଆଇନ ଘାଟରୁ ମଙ୍ଗଳବାର ରାତିରେ ବାଲି ଉଠା ଯାଉଥିବାବେଳେ ସ୍ଥାନୀୟ ଲୋକମାନେ ବିରୋଧ କରିଥିଲେ। କାରଣ ଏହି ସ୍ଥାନରେ ବାଲିଘାଟ ପାଇଁ ତହସିଲ ପ୍ରଶାସନ ଅନୁମତି ଦେଇନାହିଁ। ଫଳରେ ଗାଡି ଚାଳକ ଓ ହେଲ୍‌ପର୍‌ମାନଙ୍କ ସହ ସ୍ଥାନୀୟ ଲୋକଙ୍କର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଖବରପାଇ ତହସିଲ କର୍ମଚାରୀମାନେ ପହଞ୍ଚିବାରେ ବିଳମ୍ବ କରିଥିଲେ। ଫଳରେ ୧୫ଟି ହାଇୱାକୁ ଲୋକମାନେ ଅଟକ ରଖିଥିଲେ।

## ପରିମଳ ବ୍ୟବସ୍ଥା ପରଖିଲେ ମେୟର

କଟକ,୧।୮(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୭ନଂ. ୱାର୍ଡରେ ମେୟରଙ୍କ ମୋ' ୱାର୍ଡ ଅଭିଯାନର ମଙ୍ଗଳବାର ଥିଲା ଦ୍ୱିତୀୟ ଦିବସ। ଏହି ଅବସରରେ ସକାଳ ୬ଟାରେ ମେୟର ସୁବାସ ସିଂ ସେଲ୍‌ଟର୍ ଛକ ନିକଟ ହାଜିରା ପଏଣ୍ଟ ପାଖରେ ପହଞ୍ଚି ସଫେଇ କର୍ମଚାରଙ୍କର ଉପସ୍ଥାନ ନେବା ସହିତ ୱାର୍ଡର ପରିମଳ ବ୍ୟବସ୍ଥା ତଦାରଖ କରିଥିଲେ। ଏହି ସମୟରେ ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର, ଯନ୍ତ୍ରୀ ଦିଲୀପ ସ୍ୱାଇଁ, ଆସିଷ୍ଟାଣ୍ଟ କମିଶନର ତ୍ରିନାଥ ବେହେରା, ପ୍ରଭାତ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ପୂର୍ବାହ୍ନ ୧୦ଟାରେ ମେୟରଙ୍କ ସହିତ ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ, ମୁଖ୍ୟଯନ୍ତ୍ରୀ ନନ୍ଦ କିଶୋର ପାଲ, ସହକାରୀ ଯନ୍ତ୍ରୀ ଦେବେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଏକତ୍ର ହୋଇ ୱାର୍ଡରେ ଥିବା ସମସ୍ତ ସ୍କୁଲ, ଖେଳପଡିଆ, ଡାକ୍ତରଖାନା, ପାର୍କ, ନୂତନ ଭାବରେ ନିର୍ମାଣ ହେଉଥିବା ଡ୍ରେନ୍‌ର ତଦାରଖ କରିଥିଲେ। ତୁରନ୍ତ କାର୍ଯ୍ୟ ସାରିବାକୁ ଅଧିକାରୀମାନଙ୍କୁ ମେୟର ଓ କମିଶନର ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଅପରାହ୍ନ ସାଢେ ୪ଟାରେ ସ୍ଥାନୀୟ ଦେଉଳସାହିସ୍ଥିତ ମୋନାଲିସା ପ୍ୟାଲେସ ପରିସରରେ ସ୍ୱୟଂ ସହାୟିକା ଗୋଷ୍ଠୀର ୩୫୦ ଜଣ ସଦସ୍ୟାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମେୟରଙ୍କ ସହିତ ସିଏମ୍‌ସି ଡେପୁଟି କମିଶନର ଶ୍ୱେତପଦ୍ମା ଡି. ଶତପଥୀ, ଗୋଷ୍ଠୀ ସଙ୍ଗଠିକା ଲକ୍ଷ୍ମୀପ୍ରିୟା ଜେନା ପ୍ରମୁଖ ଉପସ୍ଥିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

## କଳାବିକାଶ କେନ୍ଦ୍ରକୁ ଜଷ୍ଟିସ୍ ଦୀପକ ମିଶ୍ର ଦେଲେ ୫ ଲକ୍ଷ

କଟକ,୧।୮ (କାର୍ତ୍ତିକ ସାହୁ)

- ଓଡ଼ିଶୀ ନୃତ୍ୟ ଶିକ୍ଷାର୍ଥୀ ପାଇବେ ଜଷ୍ଟିସ ଦୀପକ ମିଶ୍ର ମେଧାବୃତ୍ତି
- ପ୍ରତିବର୍ଷ ୧୦ ଜଣଙ୍କୁ ଦିଆଯିବ

ଓଡ଼ିଶୀ ନୃତ୍ୟର ପ୍ରଗତି ପାଇଁ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଦୀପକ ମିଶ୍ର ସହଯୋଗର ହାତ ବଢ଼ାଇଛନ୍ତି। କଟକ କଳାବିକାଶ କେନ୍ଦ୍ରରେ ଓଡ଼ିଶୀ ନୃତ୍ୟ ଶିକ୍ଷା କରୁଥିବା ଆର୍ଥିକ ଅନଗ୍ରସର ପ୍ରତିଭାଧାରୀ ଶିକ୍ଷାର୍ଥୀ ପାଇବେ ଜଷ୍ଟିସ ଦୀପକ ମିଶ୍ର ବୃତ୍ତି। ବର୍ଷକୁ ୧୦ ଜଣ ଶିକ୍ଷାର୍ଥୀ ମାସିକ ୧ ହଜାର ଟଙ୍କା ଲେଖାଏ ଏହି ବୃତ୍ତି ପାଇବେ। ଏଥିପାଇଁ ବାର୍ଷିକ ୧ ଲକ୍ଷ ୨୦ ହଜାର ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ଜଷ୍ଟିସ ମିଶ୍ର ମଙ୍ଗଳବାର ୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଏହି ସହାୟତା ରାଶିରେ ଆଗାମୀ ୪ ବର୍ଷ ପର୍ଯ୍ୟନ୍ତ ବୃତ୍ତି ପ୍ରଦାନ କରାଯିବ। ପରବର୍ତ୍ତୀ ସମୟରେ ବୃତ୍ତିରାଶି ବଢ଼ାଇବାକୁ ଜଷ୍ଟିସ ମିଶ୍ର ସୂଚନା ଦେଇଛନ୍ତି। ଏହି ସହାୟତା ରାଶି ଚେକ୍‌କୁ କଳାବିକାଶ କେନ୍ଦ୍ର ଟ୍ରଷ୍ଟି ରବୀନ୍ଦ୍ର ନାଥ ମହାନ୍ତି ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କଳାବିକାଶ କେନ୍ଦ୍ରର ସଭାପତି ଡ. ବିଜୟାନନ୍ଦ ସିଂହ, ସାଧାରଣ ସମ୍ପାଦକ ପ୍ରସେନ୍‌ଜିତ ମହାନ୍ତି ଓ ପ୍ରଶାସନିକ ଅଧିକାରୀ ରବୀନ୍ଦ୍ର ନାଥ ଜଟ ପ୍ରମୁଖ ଉପସ୍ଥିତ ଥିଲେ।



ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଦୀପକ ମିଶ୍ର କଟକ କନିକା ଛକସ୍ଥିତ ବାସଭବନରେ କଳାବିକାଶ କେନ୍ଦ୍ରର ଟ୍ରଷ୍ଟି ରବୀନ୍ଦ୍ର ନାଥ ମହାନ୍ତିଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

## 'ଦୃଢ଼ ମନୋବଳ ସଫଳତା ଆଣେ'

### ଡିପିଏସ୍ କଳିଙ୍ଗରେ ସମ୍ବର୍ଦ୍ଧନା ଉତ୍ସବ

ଫୁଲନଖରା,୧।୮ (ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ଅଢାଳିଆସ୍ଥିତ ଡିପିଏସ୍ କଳିଙ୍ଗ ବିଦ୍ୟାଳୟ ପରିସରରେ ଚଳିତବର୍ଷ ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ବିଦ୍ୟାର୍ଥୀମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ମଙ୍ଗଳବାର ଏକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ସିବିଏସ୍‌ଇର ଆଞ୍ଚଳିକ ଅଧିକାରୀ କେ. ଶ୍ରୀନିବାସନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ପକ୍ଷରୁ ୨୦୨୩ ବୋର୍ଡ ପରୀକ୍ଷାରେ ଉଲେଖନୀୟ କୃତିତ୍ୱ ହାସଲ କରିଥିବା ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ଟ୍ରଫି ଓ ପଦକ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ଛାତ୍ରୀଛାତ୍ରମାନେ ଜୀବନରେ ବଡ଼ ସଫଳତା ପାଇବା ପାଇଁ ହେଲେ ନମ୍ରତା, ପରିଶ୍ରମ, ବଳିଦାନ ଏବଂ ଦୃଢ ମନୋବଳ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଅଭିଭାବକ ଏବଂ ଶିକ୍ଷକଙ୍କ ଅବଦାନକୁ ସ୍ୱୀକାର କରିବା ସହ ଛାତ୍ରମାନଙ୍କ ବିକାଶ ଦିଗରେ ଏକ ସାମଗ୍ରିକ ଆଭିମୁଖ୍ୟ ଗ୍ରହଣ କରିଥିବାରୁ ଡିପିଏସ୍ କଳିଙ୍ଗକୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ଅଧ୍ୟକ୍ଷା ଅନୁରାଧା ରକ୍ଷିତ୍, କାର୍ଯ୍ୟନିର୍ବାହୀ ଟ୍ରଷ୍ଟି ସୁନୟନା ପାତ୍ରୋ ଉପସ୍ଥିତ ରହି ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର ଏବଂ ସେମାନଙ୍କ ମାତାପିତାଙ୍କୁ ଅଭିନନ୍ଦନ ଜଣାଇଥିଲେ।




ଡିପିଏସ୍ କଳିଙ୍ଗ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରଙ୍କ ଗହଣରେ ମୁଖ୍ୟ ଅତିଥି ଓ ଅନ୍ୟମାନେ।

## ଭୁଶୁଡ଼ିଲା ଗେଣ୍ଡେଇଶୁଣୀ ସାଇଫନ୍

କଣ୍ଟାପଡା, ୧।୮(ସୁରନାରାୟଣ ସାହୁ)

କଣ୍ଟାପଡା ପ୍ରାଚୀ ଜଳସେଚନ ଉପଖଣ୍ଡ ଅଧୀନ ନିଆଳି ଡିଷ୍ଟ୍ରିବ୍ୟୁଟାରି କେନାଲ ତଳେ ଯାଇଥିବା ଗେଣ୍ଡେଇଶୁଣୀ ଗୋଟିଏ ଡ୍ରେନେଜ ସାଇଫନ ସୋମବାର ବିଳମ୍ବିତ ରାତିରେ ଭୁଶୁଡି ପଡିଛି। ଫଳରେ ଉକ୍ତ କେନାଲରେ ଜଳସେଚନ ବାଧାପ୍ରାପ୍ତ ହୋଇଛି। ଏଥିସହ ଇଚ୍ଛାପୁର-କୂଳ ବ୍ରାହ୍ମଣସାଇଲୋ ରାସ୍ତାରେ ମଧ୍ୟ ଯାତାୟତ ବାଧାପ୍ରାପ୍ତ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ତେଲିଯୋଡି ନାଳୀରୁ ଜଳ ନିଷ୍କାସନ ପାଇଁ ଇଚ୍ଛାପୁର-କୁଳବ୍ରାହ୍ମଣସାଇଲୋ ରାସ୍ତାର ଗେଣ୍ଡେଇଶୁଣୀ ନିକଟରେ ୫ଟି ଡ୍ରେନେଜ ସାଇଫନ ବହୁବର୍ଷତଳେ ନିର୍ମାଣ କରାଯାଇଥିଲା। ଉକ୍ତ ଡ୍ରେନେଜ୍‌ର କାନ୍ଥଗୁଡିକ ପଥରରେ ନିର୍ମାଣ ହୋଇ ଏହା ଉପରେ ଛାତ ପକାଯାଇଥିଲା। ତେବେ ତେଲିଯୋଡି ନାଳୀର ଜଳ ନିଷ୍କାସନ ଯୋଗୁ କାନ୍ଥଗୁଡିକ ଦୁର୍ବଳ ହୋଇଯାଇଥିଲା।



ଗେଣ୍ଡେଇଶୁଣୀ ଡ୍ରେନେଜର ଭୁଶୁଡି ପଡିଥିବା ଏକ ସାଇଫନ୍।

### ଜଳସେଚନ, ଯାତାୟାତ ବାଧାପ୍ରାପ୍ତ

ଫଳରେ ଉକ୍ତ ଡ୍ରେନେଜର ଗୋଟିଏ ଆଉଟଲେଟ ସୋମବାର ରାତିରେ ଭୁଶୁଡି ପଡିବାରୁ ନିଆଳି ଡିଷ୍ଟ୍ରିବ୍ୟୁଟାରିର ସମସ୍ତ ପାଣି କନ୍ଦଳନଦୀକୁ ଚାଲିଯାଇଥିଲା। ମଙ୍ଗଳବାର ସକାଳେ ସ୍ଥାନୀୟ ଲୋକ ଏହା ଦେଖି କଣ୍ଟାପଡା ଜଳସେଚନ ବିଭାଗକୁ ଖବର ଦେବାପରେ ଯୁଦ୍ଧକାଳୀନ ଭିତ୍ତିରେ ମରାମତି ଆରମ୍ଭ ହୋଇଛି। କେନାଲ ରାସ୍ତାର ସୁରକ୍ଷା ପାଇଁ ଇଚ୍ଛାପୁର ନିକଟ ଉକ୍ତ ରାସ୍ତାରେ ଯାତାୟାତ ବନ୍ଦ କରାଯାଇଛି। ଖବରପାଇ ରାଜ୍ୟ ସରକାରଙ୍କ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ବିମ୍ବରାଜ ପୁରୋହିତ, ପ୍ରାଚୀ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ଚୌଧୁରୀ ଘଟଣାସ୍ଥଳ ପରିଦର୍ଶନ କରି ଯୁଦ୍ଧକାଳୀନ ଭିତିରେ ଏହାର ମରାମତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କଣ୍ଟାପଡା ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ନିରୋଜ ପଲାଇ କହିଛନ୍ତି, ଡ୍ରେନେଜର ପଥର କାନ୍ଥ ଦୁର୍ବଳ ହେବାରୁ ଭୁଶୁଡି ପଡିଛି। ମରାମତି ପରେ ଆବଶ୍ୟକ ପଦକ୍ଷେପ ନିଆଯିବ।

